Annual Subscription Rs. 50.00 only

# ମାତୃଭଣ୍ଡାର

ମାସିକ ଶିକ୍ଷା ଓ ଅଧ୍ୟାତ୍ମ ପତ୍ରିକା

ଷଡ଼ତ୍ରିଂଶ ବର୍ଷ ◆ ଦ୍ୱିତୀୟ ସଂଖ୍ୟା ◆ ଜୁଲାଇ ୨୦୨୬

*Efface the stamp of ego from the heart and let the love of the Mother take its place.*

*(25/210)*

**- Sri Aurobindo**

ହୃଦୟରୁ ଅହଙ୍କାରର ଛାପକୁ ଉଚ୍ଛେଦ କର ଏବଂ ତାହା ସ୍ଥାନରେ ମା'ଙ୍କ ପ୍ରତି ଭକ୍ତି ସ୍ଥାପନ କର ।

– ଶ୍ରୀଅରବିନ୍ଦ

**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ, କଟକ – ୭୫୩ ୦୧୩

## ୧୫ ଅଗଷ୍ଟ ୨୦୨୬

## ୧୫୪ତମ ପବିତ୍ର ଜନ୍ମତିଥି



**ପରମପ୍ରଭୁ ଶ୍ରୀଅରବିନ୍ଦଙ୍କର ୧୫୪ତମ ପବିତ୍ର ଜନ୍ମଦିବସରେ 'ମାତୃଭବନ ପତ୍ର'ର ବିନମ୍ର ପ୍ରଣତି।**

# ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ

ତୁମ ବୋଉଙ୍କ ସମୟ ହୋଇଯାଇଥିଲା। ଅଧିକ ଦିନ ଥିଲେ ଅଧିକ ଦୁଃଖ ପାଇଥାଆନ୍ତେ। ତୁମେ 'ମା' ଏହି ନାମ ଅଧିକରୁ ଅଧିକ ଜପ କର। ନିୟମିତ କରିବେ। ସକାଳେ ବିଛଣାରୁ ଉଠିବାଠାରୁ, ମୁହଁ ଧୋଇବା, ଦାନ୍ତ ଘଷିବା, ଝାଡ଼ା ଯିବା, ସ୍ନାନ କରିବା- ସବୁ ସମୟରେ 'ମା' ଏହି ନାମ ନିରନ୍ତର ଜପ କର। ଏକ କ୍ଷଣ ଭୁଲ ନାହିଁ। ବାକି ସବୁ କାମ କରିବା ସମୟରେ କରିବ କିନ୍ତୁ ସକାଳୁ ବିଛଣାରୁ ଉଠିବା ଠାରୁ ଦୁଇଘଣ୍ଟା ପର୍ଯ୍ୟନ୍ତ ଏକକ୍ଷଣ ଭୁଲିବ ନାହିଁ। ତୁମ୍ଭେମାନେ ସମସ୍ତେ ଧାରଣା କର ଘର, ପରିବାର, ସମ୍ପତ୍ତି ସବୁକିଛି ମା'ଙ୍କର। ତୁମ୍ଭେମାନେ କେବଳ ସେବକ। ସମସ୍ତ କାମ ମା'ଙ୍କ ସେବା ଭାବରେ କରି ମା'ଙ୍କୁ ସମର୍ପଣ କରିବ। ଜପ ସଙ୍ଗେ ଏହି ଧାରଣା ରଖ, "ମୁଁ ତୁମର, ମୋର ଯାହା କିଛି ଅଛି ସବୁ ତୁମର।" ଏହିପରି ଧାରଣା କର। ତୁମ ଘରର ଯିଏ ଚାହିଁବ ଛୋଟ ବଡ଼ ସମସ୍ତେ ଏହିପରି କରନ୍ତୁ।

**୪.୧୦.୮୦**

ଯଦି କୌଣସି ବିପଦ ଆସେ ସେ ବିପଦ ଦୂର ନହେବା ପର୍ଯ୍ୟନ୍ତ କିମ୍ବା ପିଲାମାନଙ୍କର ସାଙ୍ଘାତିକ ରୋଗ ଦୂର ନହେବା ପର୍ଯ୍ୟନ୍ତ ଏହି ନାମଜପ ନିରନ୍ତର କରିବ- "here again I am attacked- help me, protect me, let your love and power be like a shield around me to prevent these adverse forces from touching me." ବିପଦ ସମାପ୍ତି ନହେବା ପର୍ଯ୍ୟନ୍ତ ଏହାକୁ ଜପ କରିବ। And you go on praying and repeating your call, *thinking of nothing else* until the attack is over. This is the surest, the safest and the quickest way." ମା'ଙ୍କ ସେବା ଭାବରେ ପଢ଼େଇବା କାମ ମନ ଦେଇ କର। ଗୃହର ଯେକୌଣସି କାର୍ଯ୍ୟ କରିବ ତାହା ଲକ୍ଷ୍ୟପ୍ରାପ୍ତିର ସାଧନା ମନୋଭାବରେ କରି ତାକୁ ସମର୍ପଣ କରିବ।

ତୁମେ ଏହାକୁ ମନେରଖ। ଦୃଢ଼ଭାବେ ମନେ ରଖ। ତୁମର ମନରେ ଯେଉଁ ଅଶାନ୍ତି, ଯେଉଁ ପ୍ରତିକୂଳ ଅବସ୍ଥା ଆସୁଛି ତାହାର କାରଣ ପାରିପାର୍ଶ୍ୱିକ ଅବସ୍ଥା ଅଥବା ପରିସ୍ଥିତି ନୁହେଁ। ମନ, ପ୍ରାଣର ଅପୂର୍ଣ୍ଣତା ଯୋଗୁ ବାହାର ପ୍ରତିକୂଳ ବ୍ୟବହାରର ପ୍ରଭାବ ମନ, ପ୍ରାଣରେ ପଡ଼ି ବିକ୍ଷୋଭ ସୃଷ୍ଟି କରୁଛି। ଯେପର୍ଯ୍ୟନ୍ତ ମନ, ପ୍ରାଣର ଦୁର୍ବଳତା ଦୃଢ଼ ନହେବ ସେ ପର୍ଯ୍ୟନ୍ତ ଏହି ଦୁର୍ବଳତା କ୍ରମବିବର୍ତ୍ତନ ପ୍ରଣାଳୀରେ ଜନ୍ମ ମରଣ ମଧ୍ୟଦେଇ ବହୁତ ଜନ୍ମରେ ଖୁବ୍ ଅଳ୍ପ ବିକାଶ ହୋଇ ଦୃଢ଼ ହୁଏ। କିନ୍ତୁ ଅଧ୍ୟାତ୍ମ ମାର୍ଗରେ ଭଗବତ ନାମଜପ ସହ ନିଜକୁ ସମର୍ପଣ କଲେ ଗୋଟିଏ ଜନ୍ମରେ କେତେକ ବର୍ଷ ମଧ୍ୟରେ ତାହା ହୋଇପାରେ। ତୁମ ସକାଶେ ଏହା ବହୁତ ସୁଯୋଗ। ତୁମେ ପରିସ୍ଥିତିକୁ ପରୁଆ ନକରି ଯଦି ଆନ୍ତରିକତା ସହ ବିଶ୍ୱାସ କରିବ, "ମୋର ମନ ପ୍ରାଣର ଦୁର୍ବଳତା ଯୋଗୁଁ ଅନ୍ୟର ବ୍ୟବହାରର ପ୍ରତିକୂଳ ପ୍ରଭାବ ପଡୁଛି। ଏହାକୁ ଅତିକ୍ରମ କରିବାକୁ ହେବ।"

'ମା' ଏହି ନାମଜପ କଲେ ଯେଉଁ ବିକ୍ଷୋଭମାନ ବହୁତ ସମୟ ରୁହନ୍ତା ଅଳ୍ପ ସମୟରେ ଚାଲିଯିବ। ମନ, ପ୍ରାଣର ଏହି ଦୁର୍ବଳତା ଦୃଢ଼ ନହେବା ପର୍ଯ୍ୟନ୍ତ ପ୍ରତି ଜନ୍ମରେ ଆସୁଥିବେ।

ପୂର୍ବ ଅଧ୍ୟାତ୍ମ ସାଧନା ଦ୍ୱାରା ଏହି ଦୁର୍ବଳତା ସବଳତାରେ ପରିଣତ ହୋଇନଥିଲା। କିନ୍ତୁ ଅତିମାନସ ରୂପାନ୍ତର ସାଧନା ଚାଲୁଥିବାରୁ ସାଧାରଣ ବ୍ୟକ୍ତି ମା'ଙ୍କ ନାମଜପ କଲେ ସେ ନିଜ ମନ, ପ୍ରାଣ ଦୁର୍ବଳତାକୁ ସବଳ କରିପାରିବ। ଏହା ବହୁତ ସୁଯୋଗ। ଏପରି ସୁଯୋଗ ପାଇ ଏହାକୁ ନବୁଝି ଏହାର ଯଥାର୍ଥ ପ୍ରତିକାର ନକରିବା ଠିକ୍ ନୁହେଁ।

ଯେଉଁ ବ୍ୟକ୍ତିମାନଙ୍କ ବୁଦ୍ଧି ବିକାଶ ହୋଇନାହିଁ ସେମାନେ ଲଢ଼ାଇ ଝଗଡ଼ା କରନ୍ତି, କଳି କଜିଆ କରନ୍ତି। କିନ୍ତୁ ସେମାନେ ଅଧିକ ଅଶାନ୍ତ ହୁଅନ୍ତି ନାହିଁ କିମ୍ବା ସେମାନଙ୍କର ମନ ଖରାପ ଅଧିକ ହୁଏ ନାହିଁ। କିନ୍ତୁ କ୍ରମବିକାଶ ପ୍ରଣାଳୀ ତଥା ପଢ଼ାଲେଖା ଯୋଗୁଁ ମନର ଅଧିକ ବିକାଶ ହେଲେ ପ୍ରତିକୂଳ ବ୍ୟବହାରର ପ୍ରଭାବ ଅଧିକ ପଡ଼େ। କାରଣ ମନର ସମ୍ବେଦନ ଶକ୍ତି ଅଧିକ ଜାଗ୍ରତ ହୋଇଥାଏ। ବୁଦ୍ଧି ବିକାଶ ନହୋଇଥିବା ବ୍ୟକ୍ତିଙ୍କ ଅପେକ୍ଷା ଏ ଅବସ୍ଥା ଖରାପ। କିନ୍ତୁ ଯେଉଁମାନଙ୍କର ବୁଦ୍ଧି ବିକାଶ ନହୋଇଛି ସେମାନଙ୍କ ବୁଦ୍ଧି ବିକାଶ ହେବ ଏବଂ ସେମାନେ ବି ଏହି ପରିସ୍ଥିତିକୁ ଆସିବେ। ଅଧ୍ୟାତ୍ମ ମାର୍ଗରେ ନାମଜପ ସମର୍ପଣ ଦ୍ୱାରା ଏହି ପରିସ୍ଥିତିକୁ ଅତିକ୍ରମ କଲେ ବ୍ୟକ୍ତି ସବୁ ପରିସ୍ଥିତି ସବୁ ଅବସ୍ଥାରେ ସୁଖଶାନ୍ତିରେ ରହିପାରେ। ଏହି ପରିସ୍ଥିତି ତ ବହୁତ ଉତ୍ତମ।

ନିଜର ମନର ଯେଉଁ ଅଶାନ୍ତି, ଯେଉଁ ବିକ୍ଷୋଭ, ଯେଉଁ ମନସ୍ତାପ, ତା'ର ପ୍ରଭାବ ଅଧିକ ପଡ଼େ ନିଜ ସନ୍ତାନମାନଙ୍କ ଉପରେ, ତଥା ପରିବାର ଉପରେ। ନିରନ୍ତର ନାମଜପ ସମର୍ପଣ କଲେ ତା'ର ଉତ୍ତମ ପ୍ରଭାବ ପଡ଼େ ସନ୍ତାନମାନଙ୍କ ଉପରେ ତଥା ପରିବାର ଉପରେ।

...ଘରେ ଏପରି ବ୍ୟବସ୍ଥା କର, ଯେପରି ସ୍କୁଲ୍ କାର୍ଯ୍ୟରେ କୌଣସି ବାଧା ନପଡ଼େ। ତୁମର ସ୍କୁଲ୍ କାର୍ଯ୍ୟ ଯେପରି ନିୟମିତ ଚାଲେ ସେ ପ୍ରତି ତୁମେ ନିଜେ ମଧ୍ୟ ଖୁବ୍ ସଜାଗ ରହିବ ଏବଂ ସ୍କୁଲ କାର୍ଯ୍ୟ ମନଦେଇ ମା'ଙ୍କ ସେବା ଭାବରେ ଉତ୍ତମ ରୂପେ କରିବ।

'ମା' ଏହି ନାମ ସବୁ ସମୟରେ ଜପ କରିବ। ନିଦ ଭାଙ୍ଗିଲାଠାରୁ ସମସ୍ତ ନିତ୍ୟକର୍ମ କରିବା ସମୟରେ ଯଦି 'ମା' ଏହି ନାମଜପ କରିବାରେ ଭୁଲିଯାଅ ତେବେ 'ଶ୍ରୀଅରବନ୍ଦ ଶରଣଂ ମମ ଶ୍ରୀମାତା ଶରଣଂ ମମ' ଏହି ନାମଜପ କରିବ। ସ୍କୁଲ ଗଲା ସମୟରେ, ଆସିଲା ସମୟରେ, ସବୁ ସମୟରେ ନାମଜପ ଭୁଲିବ ନାହିଁ। ନାମଜପ ସମୟରେ ଧାରଣା କରିବ 'ମୁଁ ତୁମର, ଘର ପରିବାର ସମ୍ପତ୍ତି ତୁମର।' ଅଥବା ମନସ୍ତାପ ହେଲେ, ଅଶାନ୍ତି ହେଲେ, ନାମଜପ ସହିତ ସେହି ଅଶାନ୍ତିକୁ ସମର୍ପଣ କରିବା ଧାରଣା ରଖିବ। ଏପରି କଲେ ଅନ୍ୟ ବିଚାର ଆସିବ ନାହିଁ। କୌଣସି ଦୁଃଖକଷ୍ଟ ଅଥବା ଯେକୌଣସି ପ୍ରତିକୂଳ ଅବସ୍ଥା ଆସିଲେ ସମର୍ପଣ ଧାରଣା ରଖିବ। କୌଣସି ଅଭାବ କୌଣସି ରୋଗ ହେଲେ ମଧ୍ୟ ଏହିପରି କରିବ।

ସଂସାରରେ ଜଣେ ବ୍ୟକ୍ତି ଶାନ୍ତିରେ ନାହିଁ। ଯେଉଁମାନେ ଶାନ୍ତିରେ ଥିବା ଦେଖାଯାଉଛନ୍ତି ସେମାନେ ଯଥାର୍ଥରେ ଶାନ୍ତିରେ ନାହାନ୍ତି। ମୋ' ପାଖକୁ ପ୍ରତିଦିନ

ଓଡ଼ିଶାରୁ ତଥା ଓଡ଼ିଶା ବାହାରୁ ୫୦/୬୦ ଖଣ୍ଡ ପ୍ରାୟ ଚିଠି ଆସେ । ଜଣେ ସୁଖରେ ଥିବା ମୁଁ କାହାରି ଚିଠିରୁ ପାଏ ନାହିଁ । ଅଧିକାଂଶ ଲେଖନ୍ତି, "ମୋ ସଦୃଶ ଅନ୍ୟ କେହି ଦୁଃଖରେ ନାହାନ୍ତି, ମୁଁ ସବୁଠାରୁ ଅଧିକ କଷ୍ଟରେ ଅଛି ।"

ସୁଖରେ ସେହିମାନେ ଅଛନ୍ତି ଯେଉଁମାନେ ନିଜ ଦୁଃଖର କାରଣ ଅନ୍ୟ ବ୍ୟକ୍ତି ବା ପାରିପାର୍ଶ୍ୱିକ ଅବସ୍ଥାକୁ ନମାନି, ଦୁଃଖର କାରଣ ନିଜ ମଧ୍ୟରେ ଥିବା ଅପୂର୍ଣ୍ଣତାକୁ ମାନି ତାକୁ ଦୂର କରିବାକୁ 'ମା' ଏହି ନାମଜପ କରନ୍ତି ଏବଂ ଆସୁଥିବା ଦୁଃଖକୁ ସ୍ୱୀକାର କରନ୍ତି ନାହିଁ । ଯଥାର୍ଥରେ ଯେଉଁ ଦୁଃଖକଷ୍ଟ ଆସୁଛି ନିଜ ଭିତରୁ ଅପୂର୍ଣ୍ଣତା ଦୂର ନହେବା ପର୍ଯ୍ୟନ୍ତ ଆସେ । ବ୍ୟକ୍ତି ଯେଉଁଠାକୁ ଯିବ, ଯେଉଁଠାରେ ରହିବ ସେଠାରେ ସେହି ଦୁଃଖ ଅନ୍ୟପ୍ରକାରେ, ଅନ୍ୟରୂପରେ ଆସିବ । ଏପରିକି ମୃତ୍ୟୁପରେ ଅନ୍ୟ ଜନ୍ମରେ ମଧ୍ୟ ସେହି ଦୁଃଖ ରହିବ । ଏହି ବିଷୟରେ ମୁଁ ବହୁତ ବାର ଲେଖିଛି । ବୋଧହୁଏ ତୁମେ ସେ ବିଷୟ ହୃଦୟଙ୍ଗମ କରିପାରୁନାହଁ ।

ଅନ୍ୟ ବ୍ୟକ୍ତିର ପ୍ରତିକୂଳ ବ୍ୟବହାରରେ ଦୁଃଖ ହୁଏ । ସେହି ପ୍ରତିକୂଳ ବ୍ୟବହାରକୁ ଆମ୍ଭ ମଧ୍ୟରେ ଥିବା ପ୍ରାଣ ତାକୁ ସ୍ୱୀକାର କରିନିଏ । କାରଣ ଆମ ପ୍ରାଣ ସେହି ବ୍ୟକ୍ତିମାନଙ୍କଠାରୁ ତାରି ରୁଚି ବା ଇଚ୍ଛା ଅଥବା ଧାରଣା ଅନୁସାରେ ବ୍ୟବହାର ଚାହେଁ ବା ଇଚ୍ଛା କରିଥାଏ । ଏହି ଇଚ୍ଛାର କାରଣ ହିଁ ଦୁଃଖ ।

ଦୁଃଖ ନହେବାର ଉପାୟ ହେଲା - ଅନ୍ୟଠାରୁ ଭଲ ବ୍ୟବହାରର ଇଚ୍ଛା ନରଖିବା । ଅନ୍ୟ ଲୋକର ପ୍ରତିକୂଳ ବ୍ୟବହାର ହେଲେ ତାକୁ ସ୍ୱୀକାର ନକରିବା । ଅର୍ଥାତ ଭାବିବାନାହିଁ "ଏପରି ବ୍ୟବହାର କରିବା ଉଚିତ ନୁହେଁ । ମୋ ପ୍ରତି ସ୍ନେହ, ସୌହାର୍ଦ୍ଦ୍ୟ, ସମ୍ମାନ ଥିଲେ ଏପରି ବ୍ୟବହାର କରି ନଥାନ୍ତା ।" ଏହିପରି ଧାରଣା କରିବାର ଅର୍ଥ- ସେହି ପ୍ରତିକୂଳ ବ୍ୟବହାରକୁ ଗ୍ରହଣ କରିବା ।

ଏହିପରି ବ୍ୟବହାର ସମୟରେ ଯଦି ଆମେ 'ମା'- ଏହି ନାମ ସ୍ମରଣ କରିବା ଏବଂ ଧାରଣା କରିବା, 'ମା' ମୁଁ ତୁମର, ତୁମ ଚରଣରେ ନିଜକୁ ସମର୍ପଣ କରୁଛି । ତୁମେ ମୋ ସତ୍ତାକୁ ଦୃଢ଼ କର । ଅନ୍ୟର ପ୍ରତିକୂଳ ବ୍ୟବହାରର ପ୍ରଭାବ ମୋ ଉପରେ ନପଡୁ ।" ଏହିପରି ସମର୍ପଣ କରି ମା'ଙ୍କ ନାମଜପ କଲେ ସେ ପ୍ରଭାବ ଅଧିକ ପଡ଼ିବ ନାହିଁ । ଅଳ୍ପ ପଡ଼ିଲେ ମଧ୍ୟ ସେଥିରେ ବ୍ୟକ୍ତି କ୍ଷୁବ୍ଧ ହେବ ନାହିଁ । ଏହିପରି କଲେ କ୍ରମଶଃ ନିଜ ପ୍ରାଣସତ୍ତା ଦୃଢ଼ ହେବ ଏବଂ ସେ ସବୁ ସମୟରେ ଶାନ୍ତିରେ ରହିପାରିବ । ଏପରି ଯେପର୍ଯ୍ୟନ୍ତ ବ୍ୟକ୍ତି ନକରିବ ସେ ଯେଉଁଠାରେ ଯେଉଁ ପରିବେଶରେ ରହିବ ସେଠାରେ ସେହି ଦୁଃଖ ଅନ୍ୟ ରୂପେ ଆସିବ । ଅନ୍ୟ ଜନ୍ମରେ ମଧ୍ୟ ଆସିବ । ଦୁଃଖ ପରିସ୍ଥିତି ଉପରେ ନିର୍ଭର କରେ ନାହିଁ । ନିଜର ସଂଯମ ଉପରେ ନିର୍ଭର କରେ । ପରିସ୍ଥିତି ଅନୁସାରେ ଯଦି ସୁଖଶାନ୍ତି ମିଳନ୍ତା ତେବେ ସଂସାରରେ ବହୁତ ଲୋକ ଶାନ୍ତିରେ ରହିଥାନ୍ତେ । ତୁମ ଜୀବନରେ ଯଥାର୍ଥ ସ୍ଥାୟୀ ଉନ୍ନତି ତୁମେ ଯଦି କରିପାରିବ ତେବେ ନିଶ୍ଚୟ ଶାନ୍ତିରେ ରହିପାରିବ । ତାହାହେଲା ସବୁ ସମୟରେ 'ମା' ଏହି ନାମଜପ କର । ଘର ପରିବାର ପୁତ୍ରକନ୍ୟା ଏବଂ ନିଜକୁ ମା'ଙ୍କ ଚରଣରେ ସମର୍ପଣ କର । ସ୍ନାନ, ଭୋଜନ, ଯିବା ଆସିବା ପଢ଼ିବା, ପଢ଼ାଇବା ସମସ୍ତ କର୍ମ କର । ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଭରସା ରଖ । କାହାରି ପ୍ରତିକୂଳ

ବ୍ୟବହାର ନିଜକୁ ନିଜ ମଧ୍ୟରେ ପ୍ରବେଶ କରିବାକୁ ଦିଅ ନାହିଁ। ଅର୍ଥାତ୍ ସେ ବିଷୟରେ ଭାବ ନାହିଁ। ଏହିପରି କଲେ ଜୀବନ ଉନ୍ନତି ହେବ, ନିଜେ ସୁଖ ଶାନ୍ତିରେ ରହିବ ଏବଂ ଘରର ବି ପରିବର୍ତ୍ତନ ହେବ।

...ନିରନ୍ତର ନାମଜପ କର। ସମସ୍ତ କର୍ମ କରିବା ସମୟରେ ଜପ ସହିତ ଧାରଣା କର, "ମୁଁ ତୁମରି, ତୁମରି ଚରଣରେ ସବୁକିଛି ସମର୍ପଣ କରୁଛି।" ଶରଣର ଅର୍ଥହିଁ ଏହା। ପଢ଼ାଇବା କାମ ମନଦେଇ କରିବ। ପଢ଼ା ଆରମ୍ଭରେ ମା'ଙ୍କୁ ସ୍ମରଣ କରିବ, ପଢ଼ା ଶେଷ ହେଲେ ମା'ଙ୍କୁ ସମର୍ପଣ କରିବ।

ମନରେ ଯେଉଁ ଦ୍ୱନ୍ଦ୍ୱ, ଯେଉଁ ଅସୁଖ, ଯେଉଁ ହତାଶା, ବିଷାଦ ଆସୁଛି ତାକୁ ଅତିକ୍ରମ କରିବାକୁ ହେବ। ଅତିକ୍ରମ କରିବାର ଉପାୟ ହେଲା 'ମା' ଏହି ନାମଜପ ଏବଂ ଏଥି ସହିତ ଧାରଣା - 'ମୁଁ ତୁମର'। ଅନ୍ୟମାନେ କ'ଣ କହିଲେ, ତାକୁ ନିଜ ଉପରେ ପ୍ରତିକ୍ରିୟା ହେବାକୁ ଦେବନାହିଁ। ପ୍ରତିକ୍ରିୟାର ଅର୍ଥ- ସେହି ବିଷୟରେ ବିଚାର କରିବା। 'ସେ ବ୍ୟକ୍ତି ଏପରି କହିଲେ, ସେ ସକାଶେ ଦୁଃଖକରିବା'- ଏହାହିଁ ପ୍ରତିକ୍ରିୟା। ଏହି ପରିସ୍ଥିତି ବହୁତ ଜନ୍ମ ପର୍ଯ୍ୟନ୍ତ ଚାଲେ। କିନ୍ତୁ 'ମା' ଏହି ନାମଜପରେ ଅଳ୍ପ ବର୍ଷ, ଅଳ୍ପ ମାସ ମଧ୍ୟରେ ପରିବର୍ତ୍ତନ ହୁଏ। କମ୍ ସମୟରେ ପରିବର୍ତ୍ତନ ହେବାର ଉପାୟ ହେଲା- ପ୍ରତିକୂଳ ପରିସ୍ଥିତିର କାରଣ ଅନ୍ୟର ବକ୍ତବ୍ୟ ବା ଅନ୍ୟ କଥାକୁ ମାନ ନାହିଁ। ମାନ ନିଜ ଭିତରେ ଥିବା ଦୁର୍ବଳତା। ନିଜ ଭିତର ଭାଗ ଦୃଢ଼ ହେଲେ କାହାରି ବ୍ୟବହାର, ଅନ୍ୟ ବ୍ୟକ୍ତିର କଥାର ପ୍ରଭାବ ପଡ଼ିବ ନାହିଁ। ଏହି ପ୍ରଣାଳୀକୁ ବଡ଼ବଡ଼ ପଣ୍ଡିତ ବୁଝି ପାରନ୍ତି ନାହିଁ। ତୁଳସୀଦାସ କହିଛନ୍ତି-

ମୋରେଁ ମନ ପ୍ରଭୁ ଅସ ବସ୍ୱାସା। ରାମ ତେ ଅଧିକ ରାମ କର ଦାସା।।

ରାମ ସିଂଧୁ ଘନ ସଜ୍ଜନ ଧୀରା। ଚନ୍ଦନ ତରୁ ହରି ସଂତ ସମୀରା।

ଅଜାମ୍ବିଳ କହୁଛନ୍ତି- ରାମଙ୍କଠାରୁ ତାଙ୍କ ସେବକ ବଡ଼। ଏହା ମୋର ମନର ବିଶ୍ୱାସ କାରଣ ରାମ ସିନ୍ଧୁ- ତାଙ୍କ ଭକ୍ତ ସେବକମାନେ ମେଘ ସଦୃଶ। ମେଘ ଯେପରି ସମୁଦ୍ରରୁ ଜଳ ନେଇ ବର୍ଷା କରେ। ସେହି ଜଳ ଦ୍ୱାରା ଅନେକ ପ୍ରାଣୀ ଉପକୃତ ହୁଅନ୍ତି ସେହିପରି ସାଧୁସନ୍ଥ ଭଗବତ ଚରିତ୍ର କହି ବହୁ ଲୋକଙ୍କୁ ଉଦ୍ଧାର କରନ୍ତି। ଭଗବାନ ଚନ୍ଦନ ବୃକ୍ଷ ସଦୃଶ। ତାଙ୍କର ସୁଗନ୍ଧ ପବନ ରୂପୀ ସନ୍ଥମାନେ ଭଗବତ ଚରିତ୍ର ଲୋକଙ୍କ ପାଖରେ ପହଞ୍ଚାନ୍ତି।

**୩.୧.୮୧**

ଆପଣଙ୍କ ଶରୀର ଏବଂ ମନ ପୂର୍ବାପେକ୍ଷା ଭଲ ଥିବା ଜାଣି ବହୁତ ଖୁସି ହେଲି। ଆପଣ ସମ୍ପୂର୍ଣ୍ଣ ରୂପେ ଭଲ ହୋଇଯିବେ। ଆନନ୍ଦରେ ହେଉ ବା ନିରାନନ୍ଦରେ ହେଉ ଅଧିକରୁ ଅଧିକ ନାମଜପ କରନ୍ତୁ। ଯୋଗ ମନ୍ଦିର କାର୍ଯ୍ୟ ସକାଶେ ବ୍ୟସ୍ତ ନହୋଇ ନାମଜପ କଲେ ଅଧିକ କାମ ହୋଇପାରିବ। ଯାହାର ଯାହା ସହିତ ବିବାହ ହେବାର ଥାଏ ତାହା ପୂର୍ବରୁ ବିଧି ନିର୍ଦ୍ଧାରିତ ହୋଇଥାଏ। ଆପଣ ବାହାର କାର୍ଯ୍ୟ ପ୍ରତି ଅଧିକ ବ୍ୟସ୍ତ ନହୋଇ ବାହାର କାର୍ଯ୍ୟ ଉତ୍ତମରୂପେ ହେବା ସକାଶେ 'ମା' ଏହି ନାମଜପ କରନ୍ତୁ। ନାମଜପରେ ସବୁକାର୍ଯ୍ୟ ସଫଳ ହୁଏ। ବ୍ୟସ୍ତ ହେଲେ କାର୍ଯ୍ୟ ବିଳମ୍ବ ହୁଏ।

**୧୩.୬.୮୧**

●

# ସାଧନାର ପଥ

ପୂର୍ବପ୍ରକାଶିତ ଉତ୍ତାରୁ...ଏକ ଧ୍ରୁବ, ଶାଶ୍ୱତ, ଅବିନଶ୍ୱର, ଅଖଣ୍ଡ, ଦିବ୍ୟ-ମହାଚେତନାହିଁ ଏହି ସୃଷ୍ଟିର ମୂଳ ଉପାଦାନ ଓ ଉତ୍ସାରିଣୀ ଶକ୍ତି। ନାନାସ୍ତରରେ, ନାନାଭାବରେ, ନାନାରୂପରେ, ନାନାଭଙ୍ଗୀରେ ଏହି ଅବ୍ୟୟ, ସନାତନ ସତ୍ୟଚେତନାହିଁ ନିଜକୁ ପ୍ରକାଶିତ ଓ ଲୀଳାୟିତ କରିଚାଲିଛି। ଯାହା ଆମ୍ଭେମାନେ ଚତୁର୍ଦ୍ଦିଗରେ ଦେଖୁଛୁ, ସବୁକିଛିହିଁ ଚେତନାର ଭୂମି, ଚେତନାର ସ୍ତର, ଚେତନାର ଆଧାର, ଚେତନାର ଯନ୍ତ୍ର ବା ବାହକ। ଜଡ଼ ବୋଲି ଆମ୍ଭେମାନେ ଯାହାକୁ କହୁ ତାହା ମଧ୍ୟରେ ସେହିଁ ଅଖଣ୍ଡ ଚେତନା, ଶକ୍ତି, ସାମର୍ଥ୍ୟରୂପେ ବିଦ୍ୟମାନ – ତାହାର ପ୍ରକାଶ ଅବଗୁଣ୍ଠିତ, ଆଚ୍ଛାଦିତ, ସୁପ୍ତ, ନିଦ୍ରିତ, ଯେପରି ଘୋର ତନ୍ଦ୍ରାଚ୍ଛନ୍ନ, ବିମୁଗ୍ଧ, ନିଦ୍ରାଗ୍ରସ୍ତ। ଜଡ଼ର ନିଷ୍ଫଳତା, ସ୍ଥୂଳତା, ଘନତା ଓ କଠିନତା ମଧ୍ୟରେ ଚେତନାର ଯେପରି ବିଲୋପ ଘଟିଛି। ମାତ୍ର ଏହି କ୍ଷେତ୍ରରେ ଚେତନାର ପ୍ରକାଶ ସମାପ୍ତ ନହୋଇ ବିବର୍ତ୍ତନର ଧାରାରେ ତାହାର ଅଭ୍ୟୁତ୍ଥାନ ଘଟିଛି ଉଦ୍ଭିଦ ଓ ପଶୁଜଗତରେ। ପ୍ରାଣର ସ୍ପର୍ଶରେ, ଏହି ନିଥର, ନିଷ୍ପନ୍ଦ ଚେତନା ପ୍ରାଣବନ୍ତ, ସବୁଜ, ସ୍ପନ୍ଦନଶୀଳ ହୋଇ ଉଠିଲା। ଏହିଠାରେ ପ୍ରାଣଭୂମିର ପ୍ରାଣର ଅବତରଣ ଘଟିଲା ଏବଂ ଜଡ଼ ମଧ୍ୟରେ ଯେଉଁ ଚେତନା ଊର୍ଦ୍ଧ୍ୱାୟନର ପଥ ଖୋଜୁଥିଲା, ତାହା ଜାଗ୍ରତ ହୋଇଉଠିଲା ଜଡ଼ ମଧ୍ୟରେ, ସେଥିପାଇଁ କୁହାଯାଏ ପ୍ରାଣର ଉଦ୍ଭବ ହେଲା। ପ୍ରାଣର ତରଙ୍ଗରେ ଜଡ଼ ତରଙ୍ଗାୟିତ ହୋଇ ଜୀବନ୍ତ ଓ ସମୃଦ୍ଧିଶାଳୀ ହୋଇଉଠିଲା। କିନ୍ତୁ ଏହିଠାରେ ବିବର୍ତ୍ତନର ଧାରା ଥମିଗଲା ନାହିଁ। ଜଡ଼ ଓ ପ୍ରାଣର ଭୂମିକୁ ଅତିକ୍ରମ କରି ଚେତନା ପ୍ରବେଶ କଲା ମନଭୂମିରେ। ମନଃଶକ୍ତି ଊର୍ଦ୍ଧ୍ୱଭୂମିରୁ ଅବତରଣ କରି ପ୍ରାଣଭୂମିକୁ ସ୍ପର୍ଶ କରିବା ମାତ୍ରେ ଯେଉଁ ଅସ୍ପଷ୍ଟ, ଅର୍ଦ୍ଧସ୍ଫୁଟିତ ମନ-ପ୍ରାଣର ସବୁଜ ତରଙ୍ଗ ଓ ପ୍ରବୃତ୍ତିର ସ୍ରୋତ ମଧ୍ୟରେ ଲୁକ୍କାୟିତ ଥିଲା ତାହା ଫୁଟିଉଠିଲା। କ୍ରମଶଃ ଖୋଲିଯାଇ ଊର୍ଦ୍ଧ୍ୱଭୂମିକୁ ଉଠିଗଲା। ପ୍ରାଣୀଜଗତ ମଧ୍ୟରେ ଦେଖାଦେଲା ମନୋମୟ ସତ୍ତାବିଶିଷ୍ଟ ଜୀବ ବା ମନୁଷ୍ୟ। ମନୁଷ୍ୟହିଁ ଆଜି ବିବର୍ତ୍ତନଧାରାର ଶିଖରଦେଶରେ ଦଣ୍ଡାୟମାନ, ସେହିଁ ପ୍ରକୃତିର ଏ ଅବଧି ଚରମ ସୃଷ୍ଟି, ଚରମ ପରିଣାମ। କିନ୍ତୁ ପ୍ରକୃତିର ଏହି ପରିଣାମ ଅସମ୍ପୂର୍ଣ୍ଣ – ଚରମ ବା ଶ୍ରେଷ୍ଠ ଉଦ୍ଭାବନ ନୁହେଁ। ତାହା ମଧ୍ୟରେ ଯେଉଁ

ଚେତନାର ସ୍ଫୁରଣ ଓ ବିକାଶ ଫଳରେ ବିବର୍ତ୍ତନ ଧାରାରେ ଜଡ଼, ପ୍ରାଣ, ପ୍ରାଣଠାରୁ ମନର ସୃଷ୍ଟି ହୋଇଛି ସେହି ଚେତନାର ସ୍ଫୁରଣ ଓ ପ୍ରକାଶ ମନୋଭୂମିରେ ନିଃଶେଷ ହୋଇଯାଇ ନାହିଁ ବା ତାହାର ଗତିଧାରା ଥମିଯାଇ ନାହିଁ। ମନର କ୍ଷେତ୍ରରେ ଚେତନାର ପୂର୍ଣ୍ଣ ପ୍ରକାଶ ନାହିଁ, ନିଶ୍ଚିତତା ନାହିଁ, ସାବଲୀଳତା ବା ସାମର୍ଥ୍ୟ ମଧ୍ୟ ନାହିଁ। ଯାହା ପୂର୍ଣ୍ଣ, ତାହା ଅଖଣ୍ଡ, ତାହା ଅମୃତ ଓ ଅନନ୍ତ। ଚେତନା ଆଦ୍ୟଭୂମିରେ, ଊର୍ଦ୍ଧ୍ୱଭୂମିରେ ପୂର୍ଣ୍ଣ, ଅଖଣ୍ଡ ଓ ଅମୃତମୟ। ଯେପର୍ଯ୍ୟନ୍ତ ଚେତନା ନିମ୍ନଭୂମିରୁ ଫେରିଯାଇ ଏହି ଭୂମିରେ ପ୍ରବେଶ ନ କରିଛି, ସେପର୍ଯ୍ୟନ୍ତ ବିବର୍ତ୍ତନର ସତ୍ୟ ଓ ରହସ୍ୟ ପୂର୍ଣ୍ଣାଙ୍ଗତା ପ୍ରାପ୍ତ ହୋଇ ନାହିଁ। ଚେତନାର ଅର୍ଥହିଁ ଜ୍ୟୋତିର୍ମୟତା। ନିଜସ୍ୱ ଭୂମିରେ ଚେତନା ବିଜ୍ଞାନମୟ, ପୂର୍ଣ୍ଣ ପ୍ରଜ୍ୱୋଳ ଓ ପୂର୍ଣ୍ଣ ସାମର୍ଥ୍ୟଯୁକ୍ତ। ମନ ଭୂମିରେ ଚେତନାର ଏହି ପୂର୍ଣ୍ଣ ଜ୍ୟୋତିର୍ମୟତା, ପୂର୍ଣ୍ଣ ପ୍ରଜ୍ୱଳତା ପ୍ରକାଶ ପାଇ ନାହିଁ। ବିବର୍ତ୍ତନର ଧାରା ଏହି ଦିଗରେ ଅଗ୍ରସର ହେଉଅଛି।

ଅତଏବ ସମାଧାନର ପଥ ହେଲା ଚେତନାକୁ ଜ୍ୟୋତିର୍ମୟ, ଜ୍ଞାନମୟ ଓ ଆଲୋକିତ କରିବା, ବିଶାଳତା ଓ ବ୍ୟାପକତାର ଭୂମିରେ ନିଜକୁ ଅଧିଷ୍ଠିତ କରିବା। ଅଜ୍ଞାନ, ଅଚେତନା ବା ଅର୍ଦ୍ଧଜ୍ଞାନ ଭୂମିରେ କୌଣସି ସମାଧାନ ନାହିଁ, କୌଣସି ପଥ ନାହିଁ, କୌଣସି ମୁକ୍ତି ନାହିଁ। ସକଳ କ୍ଷେତ୍ରରେ ଏହି ଏକହିଁ ସୂତ୍ର ପ୍ରଯୁଜ୍ୟ; ଚେତନାର ଜ୍ଞାନମୟତାହିଁ ମନୁଷ୍ୟଜାତିର ସେବା, ଦେଶ ଓ ଦଶର ମୁକ୍ତିର ପଥ।

ଅପ୍ରେଲ ୪ ତାରିଖରେ ଓଡ଼ିଶା ପ୍ରାନ୍ତୀୟ ଶ୍ରୀଅରବିନ୍ଦ ସୋସାଇଟିର ଯେଉଁ ଅଧିବେଶନ ଅନୁଷ୍ଠିତ ହୋଇଛି ସେହି ଉପଲକ୍ଷେ ଶ୍ରୀମା' ଯେଉଁ ବାଣୀ ଦେଇଛନ୍ତି ତହିଁରେ ଏହା ଖୁବ୍ ସ୍ପଷ୍ଟ କରିଛନ୍ତି :

"The effort to increase and enlighten the consciousness is the best way to serve the country."

ଅର୍ଥାତ୍ "ଚେତନାକୁ ସମ୍ପ୍ରସାରିତ ଓ ଜ୍ଞାନଦୀପ୍ତ କରିବାର ପ୍ରୟାସହିଁ ଦେଶସେବାର ଶ୍ରେଷ୍ଠ ଉପାୟ।"

***(ସମାପ୍ତ)***

**ପ୍ରପତ୍ତି**

*ଏବେବି ମନେପଡ଼େ...*

# ତାଙ୍କ କ୍ରୋଧ ବି ତାଙ୍କର ପ୍ରସାଦ

ମାତୃଭବନ ପତ୍ର ପ୍ରକାଶ ପାଇବା ପୂର୍ବରୁ 'ଦେବମୁହୂର୍ତ୍ତ' ନାମରେ ଗୋଟିଏ ପତ୍ରିକା ଆମେ ନିଉଲାଇଟ୍ ସୋସାଇଟି ତରଫରୁ ପ୍ରକାଶ କରୁଥିଲୁ। ଅଜିତ ମହାନ୍ତି ଆରମ୍ଭରୁ ତା' ସମ୍ପାଦକ ଥିଲେ। କଟକରେ ଚିତ୍ତଭାଇଙ୍କ ସହିତ ପରିଚୟ ହେବାପରେ ଚିତ୍ତଭାଇ ମଧ୍ୟ କିଛି ଦିନ ତା'ର ସମ୍ପାଦନା ଦାୟିତ୍ୱ ନେଇ ଥିଲେ। କଟକ ତଳତେଲେଙ୍ଗା ବଜାରରେ ଥିବା ଡ଼ଲିଦିଙ୍କ ଭାଇଙ୍କ ପ୍ରେସ୍‌ରେ ଏହା ଛପା ହେଉଥିଲା। ବେଳେ ବେଳେ ଖଟବିନ ସାହିରେ ନିଉଲାଇଟ୍ ସୋସାଇଟି ପାଖରେ ଥିବା ବିନାୟକ ପ୍ରିଣ୍ଟର୍ସରେ ମଧ୍ୟ ଛପା ହେଉଥିଲା। ମାସିକ, ଦ୍ୱିମାସିକ (ବେଳେ ବେଳେ ବନ୍ଦ - ଏମିତି ଧାରାରେ 'ଦେବମୁହୂର୍ତ୍ତ' ଚାଲିଥାଏ।

କାଳକ୍ରମେ 'ଦେବମୁହୂର୍ତ୍ତ' ବନ୍ଦ ହେଇଗଲା। ତା' ସ୍ଥାନରେ ଆରମ୍ଭ ହେଲା ମାତୃଭବନ ପତ୍ର, ମାମୁଁ ରହିଲେ ତା' ସମ୍ପାଦକ - ଅବଶ୍ୟ ସମ୍ପାଦକୀୟ କେବେ ଲେଖନ୍ତି ନାହିଁ। ମାତ୍ର ବିଷୟ ନିର୍ବାଚନ ଦାୟିତ୍ୱ ସମ୍ପୂର୍ଣ୍ଣ ତାଙ୍କର। ମାତୃଭବନ ପତ୍ର ମୁଖ୍ୟତଃ ଏକ ସାଙ୍ଗଠନିକ ପତ୍ରିକା ଭାବେ ଆତ୍ମପ୍ରକାଶ କଲା। ପଣ୍ଡିଚେରୀ ଠାରେ ନବଜ୍ୟୋତି, ନବପ୍ରକାଶ ପ୍ରକାଶ ପାଇବା ପରେ ପୂର୍ଣ୍ଣାଙ୍ଗ ଶିକ୍ଷା ପତ୍ର ନାମରେ ଗୋଟିଏ ପତ୍ରିକା ଅନେକ ଦିନ ପର୍ଯ୍ୟନ୍ତ ବାହାରୁଥିଲା। ଗ୍ରାହକ ଅଭାବରୁ ଏବଂ ଖର୍ଚ୍ଚ ବଢ଼ି ଯିବାରୁ ପ୍ରପତ୍ତି ମହାଶୟ 'ପୂର୍ଣ୍ଣାଙ୍ଗ ଶିକ୍ଷାପତ୍ର' ପ୍ରକାଶ କରିବା ବନ୍ଦ କରିଦେଲେ। ମାତ୍ର ପୂର୍ଣ୍ଣାଙ୍ଗ ଶିକ୍ଷା ପତ୍ର ମୁଖ୍ୟତଃ ଗୋଟିଏ ସାଙ୍ଗଠନିକ ପତ୍ର ହିସାବରେ ପ୍ରକାଶ ପାଉଥିଲା। ପରବର୍ତ୍ତୀ ଅବସ୍ଥାରେ ପୂର୍ଣ୍ଣାଙ୍ଗ ଶିକ୍ଷା ପତ୍ର ବନ୍ଦ ହୋଇଗଲା। ସାଙ୍ଗଠନିକ ସମ୍ବାଦ ଆଉ ପ୍ରକାଶ ପାଇଲା ନାହିଁ। ଯଦିଓ ନବପ୍ରକାଶରେ ଅଳ୍ପ କିଛି ପ୍ରକାଶ ପାଇଲା – ମାତ୍ର ତାହା ଆଦୌ ପର୍ଯ୍ୟାପ୍ତ ହେଲା ନାହିଁ।

ମାତୃଭବନ ପତ୍ରର ସ୍ୱପ୍ନ ଦେଖାହେଲା। କେବଳ ଓଡ଼ିଶାରେ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଅଧିକ ଦୃଢ଼ୀଭୂତ କରିବା ଉଦ୍ଦେଶ୍ୟ ନେଇ, ଗୋଟିଏ ପତ୍ରିକା ପ୍ରକାଶନରେ କେତେଯେ ବାଧା - କେତେ ଅସୁବିଧା ସେକଥା ନକହିଲେ ଭଲ। ପୁଣି ଏ ପତ୍ରିକାଟିରେ ବିଷୟବସ୍ତୁ ଅତି ସଂକ୍ଷେପ ସାଙ୍ଗଠନିକ ବିଷୟ ଅଧିକ ଅଛି ତ ଅନ୍ୟ ବିଷୟ କମାଇ ଦିଆଯାଇପାରିବ। ଖୁବ୍ ଅଳ୍ପ, ଆଠ ପୃଷ୍ଠାରୁ ଆରମ୍ଭ ହେଲା – ପତ୍ରିକା - ଆଦୌ ମଲାଟ ନାହିଁ। ବହିର ପ୍ରଥମ ପୃଷ୍ଠାରୁ ପାଠ ଆରମ୍ଭ। କାଗଜ ଯେତେ ଶସ୍ତା ହୋଇପାରେ। ତା'ରି ମଧ୍ୟରେ

ପଦବାବୁଙ୍କ ଚେଷ୍ଟାରୁ ପୋଷ୍ଟାଲ ରେଜିଷ୍ଟ୍ରେସନ୍ ହୋଇଗଲା। ତେଣୁ ଅଳ୍ପ ପଇସାରେ ଡ଼ାକରେ ପଠାଯାଇ ପାରିଲା। ଏମିତି ପ୍ରାୟ ବାର ବର୍ଷ ଚାଲିବା ପରେ ହଠାତ୍ ପୋଷ୍ଟାଲ କର୍ତ୍ତୃପକ୍ଷ ଘୋଷଣା କଲେ ଯେ Registar of News Paper of Indiaଙ୍କଠାରୁ ରେଜିଷ୍ଟ୍ରସନ୍ ନହେଲେ ଆଉ ପୋଷ୍ଟାଲ ଅନୁମତି ମିଳିବ ନାହିଁ। ତା' ବ୍ୟତୀତ ଯେକୌଣସି ସ୍ଥାୟୀ ମ୍ୟାଗାଜିନ୍‌ଟିଏ ଛପାଇବା ପାଇଁ ହେଲେ ଭାରତସରକାରଙ୍କର ରେଜିଷ୍ଟ୍ରାର ଅଫ ନ୍ୟୁଜ୍ ପେପର ନିକଟରେ ରେଜିଷ୍ଟ୍ରେସନ୍ କରାଇ ରେଜିଷ୍ଟ୍ରେସନ୍ ନମ୍ବର ଆଣିବା ଆବଶ୍ୟକ ଏବଂ ପତ୍ରିକାର ମଲାଟ ଉପରେ ତାହା ପରିଷ୍କାର ଭାବରେ ଛପାହୋଇଥିବା ଦରକାର ବୋଲି ମଧ୍ୟ ନିୟମ ଥିବାର ଜାଣିଲୁ। ସେଥିରୁ କୌଣସି ରିହାତି ନାହିଁ ବୋଲି ଜାଣି ସାରିବା ପରେ ପଦବାବୁ ସେଠାକୁ ଲେଖା ପଠା ଆରମ୍ଭ କଲେ। ଛ' ମାସାଧିକ କାଳ ଲେଖା ଲେଖି ହେବାପରେ ଆମକୁ ଖବର ମିଳିଲା ଯେ ସମସ୍ତ କାର୍ଯ୍ୟ ଶେଷ ହୋଇଯାଇଛି ଏବଂ ଆମକୁ ଖୁବ୍ ଶୀଘ୍ର ରେଜିଷ୍ଟ୍ରେସନ୍ ନମ୍ବର ମିଳିଯିବ, ଆମେ ଆଶ୍ୱସ୍ତ ଏବଂ ଖୁସୀରେ ଅପେକ୍ଷା କଲୁ। ମାତ୍ର ତା'ପରେ ମଧ୍ୟ ମାସେରୁ ଅଧିକ ସମୟ ଚାଲିଗଲା। ପଦବାବୁ ଖୁବ ବ୍ୟସ୍ତ ହୋଇପଡୁଥାନ୍ତି। ଏହା ଭିତରେ ମୋତେ ସରକାରୀ ଚାକିରୀରେ ହଠାତ୍ ଦିଲ୍ଲୀ ଯିବା ଆବଶ୍ୟକ ପଡ଼ିଲା – ପଦବାବୁ ଖବର ପାଇ ଆନନ୍ଦରେ ନାଚି ଉଠିଲେ – ଆପଣ ନିଜେ ଯାଉଛନ୍ତି – ଯେ କୌଣସି ଉପାୟରେ ହେଉ RNIOଙ୍କୁ ସାକ୍ଷାତ କରି ଆମର ଅନୁମୋଦନ ସାର୍ଟିଫିକେଟ ଧରି ଆସିବେ – ପଦବାବୁ ନିର୍ଦ୍ଦେଶ ଦେଲେ। ଆବଶ୍ୟକ ହେଲେ ଦିନେ କି ଦୁଇଦିନ ପାଇଁ ମଧ୍ୟ ରହିଯିବେ ମାତ୍ର ଯେକୌଣସି ଉପାୟରେ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ ଆଣିକରି ଆସିବେ।

ସରକାରୀ କାମ ଏବଂ ପଦବାବୁଙ୍କଠାରୁ RNIର ଦିଲ୍ଲୀ ଠିକଣା ଦେଖିଲା ବେଳକୁ ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ, ଦୁଇଟି ଯାକ କାମ ଏକା ସ୍ଥାନରେ - R.K. Puram (ରାମକୃଷ୍ଣ ପୁରମ୍) ଏବଂ ଦୁଇଟି ପାଖାପାଖି ଲାଗିଥିବା ବିଲ୍‌ଡ଼ିଙ୍ଗ୍‌ରେ। ଏସବୁ ମା'ଙ୍କର ଆମ ପ୍ରତି କୃପା ଜାଣି ମୁଁ ସମ୍ପୂର୍ଣ୍ଣ ବିଶ୍ୱାସରେ ପଦବାବୁଙ୍କ ଠାରୁ Details ସଂଗ୍ରହ କରି ଦିଲ୍ଲୀ ବାହାରିଗଲି, ପଦବାବୁ କହିଲେ – ଆପଣଙ୍କୁ କିଛି କରିବାକୁ ପଡ଼ିବନି - ଆମର ସବୁ ପ୍ରସ୍ତୁତ ହୋଇସାରିଥିବ – ଆପଣ ପଚାରିଦେଇ - ତାଙ୍କର ଚିଠିଟି ଦେଖାଇ - ନମ୍ବରଟି ନିଜେ ମାଗି ଆଣିବେ। କାର୍ଯ୍ୟଟି ଏତେ ସହଜ ଜାଣି ମୁଁ ଆଶ୍ୱସ୍ତ ହେଲି। ଦିଲ୍ଲୀ ଯିବା ଆସିବା ଟିକେଟ କରିବା ବେଳକୁ ଜାଣିଲି ଯେ ଯେଉଁ ଦିନ ସରକାରୀ କାମ ସରିବ, ସେହିଦିନହିଁ

ଟିକେଟ ମିଳୁଚି, ଆଉ ଅନ୍ୟ ଦିନ ନାହିଁ। ମନେ ମନେ ସ୍ଥିର କଲି - ଅଫିସ୍‌ରେ ଟିକେ ଆଗରୁ ଅନୁରୋଧ କରି ଚାଲିଯିବି ଏବଂ RNIO ଙ୍କୁ ସାକ୍ଷାତକରି ସେଠାରେ କାମ ଶେଷକରି ଫେରିଆସିବି। ତେଣୁ ଗୋଟିଏ ଦିନରେ ସବୁକାମ ସରିଯିବ।

ଯିବା ଦିନ ମା'ଙ୍କୁ ପ୍ରଣାମ କରି ଗଲାବେଳେ ଦିଲ୍ଲୀର ସମଗ୍ର ଦାୟିତ୍ୱ ବିଷୟରେ ମା'ଙ୍କୁ ଜଣାଇ ଆଶୀର୍ବାଦ ଭିକ୍ଷା କରି ଦିଲ୍ଲୀ ଚାଲିଗଲି। ଶେଷଦିନ ସମ୍ପୂର୍ଣ୍ଣ ଭାବରେ ହିସାବ ମୁତାବକ ସରକାରୀ କାମକୁ ପ୍ରାୟ ୨ ଘଣ୍ଟା ଆଗରୁ ସାରିଦେଲି। ଅଫିସ୍ ଛୁଟି ହେବାକୁ ଆଉ ୨ ଘଣ୍ଟା ବାକୀ ଅଛି, କାଳ ବିଳମ୍ବ ନକରି ମୁଁ RNIO ଅଫିସ୍‌କୁ ଚାଲିଲି, ଆମ ଦପ୍ତରଠାରୁ ପ୍ରାୟ ଦଶ ମିନିଟ୍‌ର ପାଦଚଲା ରାସ୍ତା। ଆମ ଅଫିସ୍ ହୁଏ 'ସେବା ଭବନ'ରେ – ଏକ ପ୍ରକାଣ୍ଡ କୋଠାଘର। ପ୍ରାୟ ୨୦ ଟି ସରକାରୀ ଦପ୍ତର ତା' ଭିତରେ ହୁଏ। ତାକୁ ପ୍ରାୟତଃ ଲାଗିକରି ଅଛି RNIO ବିଲ୍‌ଡ଼ିଂ। ମାତ୍ର ସେତିକି ବାଟ ଯିବାପାଇଁ ମୋତେ ୧୦ ମିନିଟ୍ ଲାଗିଗଲା। ଅଫିସ୍ ଖୋଜି ଉପରମହଲାକୁ ଯାଇ ରେଜିଷ୍ଟ୍ରାର୍‌ଙ୍କ ସାକ୍ଷାତ କିପରି ପାଇବି ବୋଲି ବାହାରେ ଜଗୁଥିବା ଦରୱାନଙ୍କୁ ପଚାରିଲି।

ଦରୱାନ ଜଣେ ଖାଣ୍ଟି ହିନ୍ଦୀଭାଷୀ ଲୋକ। ତା'ଙ୍କ ନିକଟରେ ଆଉ ଜଣେ ଦୁଇଜଣ ପିଅନ୍ ବୋଧହୁଏ ବସିଥିଲେ। ସମସ୍ତେ ବିଭିନ୍ନ ଆଳାପ କରୁଥିଲେ। ମୋତେ ଦେଖି ନିରବ ହୋଇଗଲେ। ମୁଁ ସମସ୍ତଙ୍କୁ ନମସ୍କାର ଜଣାଇ ଅତ୍ୟନ୍ତ ବିନମ୍ର ଭାବରେ କହିଲି, ଭାଇମାନେ, ମୁଁ ଓଡ଼ିଶାର କଟକରୁ ଆସିଛି। ଗୋଟିଏ ମ୍ୟାଗାଜିନ୍‌ର ରେଜିଷ୍ଟ୍ରେସନ୍ ନମ୍ବର ନେଇକରିଯିବି। ସେଥିପାଇଁ ଆମକୁ ପତ୍ର ଲେଖାଯାଇଥିଲା। କିଛି କାମ ଆମର ବାକି ନଥିବ। ଖାଲି ନିର୍ଦ୍ଦିଷ୍ଟ ବ୍ୟକ୍ତି କିଏ ତାଙ୍କୁ ଟିକିଏ ଅନୁରୋଧ କଲେ ସେ ମୋତେ ନମ୍ବର ସାର୍ଟିଫିକେଟଟି ଦିଅନ୍ତେ। ସେମାନଙ୍କ ସହିତ କଥାବାର୍ତ୍ତା କରୁଥିବା ସମୟରେ ହଠାତ୍ ଦପ୍ତର ଭିତରୁ ଦୁଇଟି ମହିଳା ଗେଟ୍ ଆଡ଼କୁ ଚାଲି ଚାଲି ଆସିଲେ। ସେମାନଙ୍କୁ ଦେଖୁ ଦେଖୁ ଦରୱାନ ଭଦ୍ରଲୋକ ମୋତେ ହିନ୍ଦୀରେ କହିଲେ - ଏଇ ଯେଉଁ ଦୁଇଜଣ ମ୍ୟାଡାମ୍ ଆସୁଛନ୍ତି ଏମାନେ ପ୍ରକୃତରେ ଆପଣଙ୍କର କାର୍ଯ୍ୟର ଦାୟିତ୍ୱରେ ଅଛନ୍ତି। ଆପଣ ସେମାନଙ୍କୁ ଅନୁରୋଧ କରନ୍ତୁ - ସେମାନେହିଁ ଆପଣଙ୍କୁ ସାହାଯ୍ୟ କରିପାରିବେ। ଏହା କହି ମହିଳା ଦୁଇଜଣଙ୍କୁ ମୋ ବିଷୟରେ ସାମାନ୍ୟ ସୂଚନା ଦେଇଦେଲେ। ମୁଁ ପୁନର୍ବାର ମହିଳାମାନଙ୍କୁ ବିନମ୍ର ପ୍ରଣତି ଜଣାଇ କହିଲି - ମ୍ୟାଡ଼ାମ୍, ମୁଁ ଓଡ଼ିଶାର କଟକରୁ ଆସିଛି ଗୋଟିଏ ରେଜିଷ୍ଟ୍ରେସନ୍ ନମ୍ବର,

ଏତିକି କହିଛି, ସେମାନେ ଆଉ ମୋତେ କହିବାକୁ ନଦେଇ ଜଣେ କହିଉଠିଲେ – ଆପଣଙ୍କୁ ଆଉ ସମୟ ନଥିଲା ପାଞ୍ଚଟା ବେଳକୁ ଆସିଛନ୍ତି। ଆମର କ'ଣ ଏଇ ଗୋଟିଏ କାମ, ଆପଣ ଯାଆନ୍ତୁ - କାଲି ଆସିବେ। ମୋର ସେହି ଦିନ ରାତି ଗାଡ଼ିରେ ଟିକେଟ ଫେରିବା ପାଇଁ। ମୁଁ ପୁଣି କହିଲି – ମୋର ରାତି ଗାଡ଼ିରେ ଫେରିବା ପାଇଁ ଟିକେଟ ହୋଇଛି - ମୋତେ ଫେରିଯିବା ପାଇଁ ହେବ – ଦୟାକରି ଟିକେ ସାହାଯ୍ୟ କରନ୍ତୁ। ଏଥରକ ଅନ୍ୟ ମହିଳା ଜଣକ ଟିକେ ଚଢ଼ା ଗଳାରେ କହିଲେ - ଆପଣଙ୍କୁ ଆଜି ଫେରିଯିବା ପାଇଁ କ'ଣ ଆମେ କହିଥିଲୁ? ଆପଣ ସମସ୍ତ କାମ ସାରି ଛୁଟି ହେବା ସମୟରେ ଆମକୁ ହଇରାଣ କରିବାକୁ ଅସିଛନ୍ତି, ଆମେ କ'ଣ କେବଳ ଆପଣଙ୍କ କାମ କରିବାକୁ ଏଠାରେ ଅଛୁ। ମୁଁ ଅତ୍ୟନ୍ତ ହତାଶ ହୋଇପଡିଲି। ଦୁଇହାତ ଯୋଡ଼ି ଉଭୟଙ୍କୁ ଅତି ବିନମ୍ର ଭାବରେ କହିଲି - ଦେଖନ୍ତୁ ଆଜ୍ଞା, ଆପଣଙ୍କର ହୁଏତ ଆଉ ୫/୧୦ ମିନିଟ ଡେରି ହୋଇପାରେ - ମାତ୍ର ମୋର ଆଜ୍ଞା ଅନେକ ଉପକାର ହେବ। ତା'ପରେ ଅଫିସ୍ ତ ପୂରା ଛୁଟି ହୋଇନାହିଁ। ଆଉ ଘଣ୍ଟାଏ ସମୟ ଅଛି, ସାମାନ୍ୟ ଟିକେ ଦୟା କଲେ - ଆପଣଙ୍କର ଖୁବ୍ ବେଶୀ ଅସୁବିଧା ହେବନି ଆଜ୍ଞା, ଟିକେ କୃପାକରି ସାହାଯ୍ୟ କରନ୍ତୁ। ଏଥରକ ତାଙ୍କର କ୍ରୋଧ ଅସମ୍ଭାଳ ହେଲା। ସେ ଅନୁଭବ କଲେ, ମୁଁ ବୋଧହୁଏ ତାଙ୍କୁ ଘଣ୍ଟାଏ ଆଗରୁ ଅଫିସ୍ ଛାଡ଼ି ପଳାଉଛନ୍ତି ବୋଲି ଅଭିଯୋଗ କରୁଛି। ଉଭୟ ଚିତ୍କାର କରି ଭିନ୍ନ ଭିନ୍ନ ଭାବରେ ମୋତେ ବକି ଗଲେ। ଜଣଙ୍କର ଗାଳିରୁ ମୁଁ ବୁଝିଲି, ସେ କହୁଛନ୍ତି - ଅଫିସ୍ ଘଣ୍ଟାକ ଆଗରୁ ଛାଡ଼ିବା ବା ନଛାଡ଼ିବା ଏ ସମ୍ପର୍କରେ କହିବାର କୌଣସି ଅଧିକାର ମୋର ନାହିଁ। ମୁଁ ତାଙ୍କର Authority ନୁହେଁ। ସେ ବିଷୟରେ ପ୍ରଶ୍ନ କରିବାକୁ ମୁଁ କିଏ, ଖୁବ୍ ନିର୍ଦ୍ଦୟ ଭାବରେ ଉତ୍ୟକ୍ତ ତଥା ଉତ୍କ୍ଷିପ୍ତ ହୋଇ ଉଭୟ ବକି ବକି ଚାଲିଗଲେ। ମୁଁ ଅତ୍ୟନ୍ତ କରୁଣ ଭାବରେ ସେମାନଙ୍କୁ ଚାହିଁଥାଏ। ମାତ୍ର ମା'ଙ୍କ କୃପାରୁ ସେମାନଙ୍କ ପ୍ରତି ସାମାନ୍ୟତମ ବିରକ୍ତି ଭାବ ଆସିନଥାଏ, କେବଳ ସାହାଯ୍ୟ କଲେ ନାହିଁ ବୋଲି ମନରେ ଟିକେ ଦୁଃଖ ଆସିଥାଏ। ଫେରିଚାହିଁଲା ବେଳକୁ ଦରୱାନ୍ ଭଦ୍ରଲୋକ ଜଣକ ଖୁବ୍ କ୍ରୋଧାନ୍ୱିତ ହୋଇ ସେ ଦୁହିଁଙ୍କୁ ଲକ୍ଷ୍ୟ କରୁଛନ୍ତି। ସଙ୍ଗେ ସଙ୍ଗେ ମୋତେ କହିଲେ – ସାର୍, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ସେମାନଙ୍କର ପ୍ରକୃତି ସେମିତି। ମୁଁ ଭୁଲ୍ କଲି ଆପଣଙ୍କୁ ସେମାନଙ୍କ ପାଖକୁ ପଠାଇଲି। ମୋତେ ଖଣ୍ଡିଏ କାଗଜରେ ଲେଖିଦିଅନ୍ତୁ - ଆପଣଙ୍କର କ'ଣ ଦରକାର, ମୁଁ ଭିତରେ ପଚାରି ଆସିବି।

ମୋର ଖାଲି ଆଶଙ୍କା ହେଉଥାଏ - ସମୟ ଚାଲି ଯାଉଛି। ଯଦି ଛଅଟା ବେଳେ ଅଫିସ୍ ଛୁଟି ହୋଇଯିବ, ତେବେ ଆଉ କିଛି ହୋଇପାରିବନି, ମୋତେ ରାତିରେ ରହିବାକୁ ହେଲେ ଆଉ ଟିକେଟ ନାହିଁ। କେତେ କେତେ ଅସୁବିଧା ତା'ସହିତ ହେବ। ତେଣୁ ମୁଁ ଆଉ କାଳ ବିଳମ୍ବ ନକରି ଖଣ୍ଡେ କାଗଜରେ ଇଂରାଜୀରେ ଦୁଇଧାଡ଼ି ଲେଖିଦେଲି। କହିବା ବାହୁଲ୍ୟ - ଉକ୍ତ ମହିଳାଙ୍କୁ କହିବା ସମୟଠାରୁ ମୁଁ ଅତି ଆତୁରରେ ମା'ଙ୍କୁ ଡ଼ାକୁ ଥାଏ। ବର୍ତ୍ତମାନ ଦରଓ୍ୱାନ୍ ଭଦ୍ରଲୋକ ଚିଠି ନେଇ ଭିତରକୁ ଯିବା ସମୟରେ ମା'ଙ୍କୁ ଡାକିବାର ତୀବ୍ରତା ଅନେକ ଗୁଣ ବଢ଼ି ଗଲା। କିନ୍ତୁ ଅକସ୍ମାତ୍ ଏବଂ ଆକସ୍ମିକ ଭାବରେ ମୋ ଭିତରଟା ଶାନ୍ତ ଏବଂ ନୀରବ ହୋଇଗଲା, ବାହାରେ ପଡ଼ିଥିବା ଗୋଟିଏ ଚୌକି ଉପରେ ନୀରବରେ ବସି ମୁଁ ମା'ଙ୍କ ନାମଜପ କରିବାକୁ ଆରମ୍ଭ କଲି।

ବୋଧହୁଏ ୨ ମିନିଟ ମଧ୍ୟରେ ଦରଓ୍ୱାନ୍ ଫେରିଲେ, ଖୁବ୍ ଖୁସୀରେ ଆସି ଥା'ନ୍ତି। କହିଲେ- ସାର୍, ନିଜେ ରେଜିଷ୍ଟ୍ରାର୍ ଆପଣଙ୍କୁ ଦେଖା କରିବାକୁ ଅପେକ୍ଷା କରିଛନ୍ତି। ମୁଁ ଆଉ କାହାକୁ ନକହି ସିଧା ତାଙ୍କ ପାଖକୁ ଲେଖାଟି ଧରି ଚାଲିଗଲି ଏବଂ ସେ ମୋର ହାତରୁ ଲେଖା ନେଉ ନେଉ ସଙ୍ଗେ ସଙ୍ଗେ କହିଦେଲେ – ସେ ମହାଶୟଙ୍କୁ ସାଙ୍ଗରେ ମୋ ପାଖକୁ ନେଇଆସ, ଆସନ୍ତୁ ଯିବା। ଏଥରକ ଆଉ ଆପଣଙ୍କର ଅସୁବିଧା ହେବନାହିଁ, କାମ ହୋଇଯିବ। ଆଉ ବିଳମ୍ବ ନକରି ମୁଁ ତାଙ୍କ ସହିତ ଚାଲିଲି, ମୋ ଆଗେ ଆଗେ ଯାଇ ସେ ରେଜିଷ୍ଟ୍ରାର୍‌ଙ୍କ କୋଠରୀର କବାଟକୁ ଖୋଲୁ ଖୋଲୁ ରେଜିଷ୍ଟ୍ରାର୍ ନିଜେ ତାଙ୍କ ଚୌକି ଛାଡ଼ି ଉଠିଆସି ମୋ ସହିତ ହାତ ମିଳାଇବା ପାଇଁ ହାତ ବଢ଼ାଇଦେଲେ। ମୁଁ ନିଜେ ସଙ୍କୁଚିତ ହୋଇ ଯାଉଥାଏ। ଏତେବଡ଼ ଅଧିକାରୀ ଜଣେ ନିଜ ଚୌକି ଛାଡ଼ି ଉଠିଆସିବା ମୋ ପାଇଁ ଅଧିକ ଅଧିକ ଲାଗୁଥାଏ, ମାତ୍ର ସେ ତା' ସହିତ କହି ଚାଲିଥାନ୍ତି ଆମକୁ ଦୟାକରି କ୍ଷମା କରିବେ, ଆମେ ଆପଣଙ୍କ ନିକଟକୁ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ ପଠାଇବାକୁ ଡେରି କରିବାରୁ – ଆପଣ ବାଧ୍ୟ ହୋଇ ଏତେ ଦୂର ଆସିଲେ। ତା'ପରେ ଆପଣଙ୍କୁ ସାହାଯ୍ୟ କରି ଆପଣଙ୍କ କାର୍ଯ୍ୟ କରିବା ପରିବର୍ତ୍ତେ ଆମେ ଆପଣଙ୍କ ସହିତ ଅଶାଳୀନ ଆଚରଣ କରିଛୁ। ମୁଁ ଯେତେ ନାହିଁ ନାହିଁ କହୁଥାଏ – ସେ ମାତ୍ର କହି ଚାଲିଥାନ୍ତି, ଆପଣଙ୍କ ବିନମ୍ରତାର ଆମେ ଉପଯୋଗ ତ କରିପାରିନୁ ମାତ୍ର ଉପହାସ କରୁଛୁ – ବିଦ୍ରୁପ କରୁଛୁ (ଆପ୍‌କା ମଜାକ୍ ଉଡ଼ା ରହେ ହେଁ)। ମୁଁ ଆମ ସମସ୍ତଙ୍କ ଆଚରଣ ପାଇଁ ଅତି ଦୁଃଖିତ। ଆପଣ ଦୟାକରି ଆମକୁ କ୍ଷମା କରନ୍ତୁ, ମୋର

ଦୁଇ ହାତକୁ ନିଜର ଦୁଇ ହାତରେ ଧରି ଏ କଥା ସେ କହି ଚାଲିଥାନ୍ତି, ମୁଁ ତାଙ୍କ ମୁହଁକୁ ଚାହିଁପାରୁ ନଥାଏ - ମୋର ଦୁଇ ଚକ୍ଷୁରୁ ଦୁଇଧାର ଅଶ୍ରୁ ନିର୍ଗତ ହୋଇଚାଲିଥାଏ। କେତେ ସମୟ ପରେ ମୁଁ ପ୍ରକୃତିସ୍ଥ ହେଲି, ସେତେବେଳକୁ ଆମର ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ ଧରି ଜଣେ ଅଧିକାରୀ ଛିଡ଼ା ହୋଇଥାନ୍ତି। ଗୋଟାଏ ସନ୍ତକ କରିବା ଦରକାର ପଡ଼ିବାରୁ ମୋତେ ସେ ତାଙ୍କ କୋଠରୀକୁ ଡ଼ାକି ନେଲେ, ସେ ସବୁ କାମ ସାରି ମାତ୍ର ୫ ମିନିଟ୍ ମଧ୍ୟରେ ମତେ ବିଦାୟ ଦେଲେ। ତାଙ୍କୁ କୃତଜ୍ଞତା ଜଣାଇ ଆସିବା ସମୟରେ ପୁନଶ୍ଚ ପୂର୍ବ ଅଧିକାରୀଙ୍କୁ ସାକ୍ଷାତ କରି ବିଦାୟ ନେବାକୁ ଗଲି। ସେ ବିଦାୟ ସମ୍ଭାଷଣ ଜଣାଇବା ସମୟରେ – ଯଦି ଆବଶ୍ୟକ ପଡ଼େ ଆଦୌ ନଆସି ଟେଲିଫୋନ୍ ଜରିଆରେ ଜଣାଇଲେ ମଧ୍ୟ ସମସ୍ତ କାର୍ଯ୍ୟ ହୋଇଯିବ ବୋଲି କହିଲେ ଏବଂ ମୋତେ ବିଦାୟ ଦେଲେ। ଏସବୁ ସରିବା ବେଳକୁ ମୋର ଆନନ୍ଦ ଏବଂ କୋହରେ ପେଟ ପୂରି ଉଠୁଥାଏ, ମାତ୍ର ସବୁ ଭିତରେ ମୁଁ ଦରଓ୍ୱାନ୍ ଭାଇଙ୍କୁ ଖୋଜୁଥାଏ। ବାହାରେ ଦେଖିଲି ସେ ଅତି ନିର୍ଲିପ୍ତ ଭାବରେ ଖଇନି ଡବା ଖୋଲି ଖଇନି ଦଳୁଥାନ୍ତି। ମୋତେ ଦେଖି ଦେଖି କହିଲେ, 'କ'ଣ ସାର୍ ହୋଇଗଲା।' ମୁଁ ତାଙ୍କ ମୁହଁକୁ ଚାହିଁ କହିଲି - ଭାଇ ସବୁକିଛି ସହଜରେ ହୋଇଗଲା ଏବଂ ଏଥିପାଇଁ ଆପଣହିଁ ମୁଖ୍ୟ ଭୂମିକା ଗ୍ରହଣ କଲେ। ଆପଣ ମୋ ପାଇଁ ଏକ ଦେବଦୂତ ସ୍ୱରୂପ। ଆପଣଙ୍କୁ ମୁଁ ଅଶେଷ କୃତଜ୍ଞତା ଜଣାଉଛି ଏବଂ ଏକ ବିନମ୍ର ଅନୁରୋଧ କରୁଛି – ଆପଣ ଦୟାକରି ସେହି ମହିଳାମାନଙ୍କୁ ଆଦୌ କିଛି କହିବେ ନାହିଁ। କାରଣ ତାଙ୍କର ସେପରି ବ୍ୟବହାର ମୁଁ ନପାଇଥିଲେ ହୁଏତ ଆଜିର ଏ ଅନୁଭବ ଆସିନଥାନ୍ତା। ବରଂ ସେଥିପାଇଁ ସେମାନେ ମଧ୍ୟ ମୋର କୃତଜ୍ଞତାର ପାତ୍ର। ଦେଖିଲି, ଦରଓ୍ୱାନ୍ ଭାଇଜଣକ ମୋ ଆଡ଼କୁ ଆଶ୍ଚର୍ଯ୍ୟଚକିତ ହୋଇ ଚାହିଁଛନ୍ତି !

*ପ୍ରସାଦ ତ୍ରିପାଠୀ*

(ଏବେ ବି ମନେ ପଡ଼େ, ପ୍ରଥମ ଖଣ୍ଡ)

●

# ଦୁଇଜଣ ଏକାଠି ହେଲେ ଆମେ କ'ଣ କରୁ ?

କ'ଣ ଆଉ କରନ୍ତୁ ? ସଚରାଚର ଯାହା ହୁଏ ସେଇଆ। ବେଶ୍ କିଛି ଅନାବଶ୍ୟକ କଥା ହେଉ। ଯେଉଁ କଥା ହେଲେ ଆମର ଚେତନାର ଊର୍ଦ୍ଧ୍ୱଗତି ହେବା କଥା – ସେ କଥା ତ ହେଉନୁ, ଅନ୍ତତଃ ଚେତନାର ନିମ୍ନଗତି ନହେବା ପାଇଁ ତ ଚେଷ୍ଟା କରନ୍ତୁ। ମାତ୍ର ଆମର ସମସ୍ତ ସହଯୋଗରେ ହିଁ ଆମର ଚେତନାକୁ ଆମେ ନିମ୍ନଗାମୀ କରୁ।

ଗୋଟିଏ କଥା ନିଶ୍ଚିତ ଯେ ଆମ ଯୋଗ ସାମୁହିକ। ସାଧନା ବ୍ୟକ୍ତିଗତ ହେଲେ ମଧ ଯୋଗ ସାମୁହିକ। ଅର୍ଥାତ୍ ଜଣେ ବ୍ୟକ୍ତିର ସିଦ୍ଧିରେ ଆଉ କିଛି ହେବ ନାହିଁ। ଏପରିକି ଜଣେ କେବଳ ଅବତାର ହୋଇଗଲେ ମଧ ବିଶେଷ କିଛି ଫଳ ଫଳିବନି ଯଦି ସାମୁହିକ ରୂପାନ୍ତର ନହେଲା, ଅନେକଙ୍କର ଯଦି ଆଧ୍ୟାତ୍ମିକ ଅଗ୍ରଗତି ନହେଲା। ତେଣୁ ସ୍ୱାଭାବିକ ଭାବରେ ଆମ ପାଇଁ ଗୋଷ୍ଠୀ ଆବଶ୍ୟକ। ଆମେ ନିଜ ପାଇଁ ସାଧନାର ଯାବତୀୟ ବିଧ ଅବଲମ୍ବନ କରିପାରୁ, ମାତ୍ର ଅଗ୍ରଗତି କରିବାକୁ ହେବ ସାମୁହିକ। ଆଉ ଏଇ ସମୁହ ସାଧନା ଏବଂ ଅଗ୍ରଗତିରେ ପ୍ରତ୍ୟେକଙ୍କର ବ୍ୟକ୍ତିଗତ ସାଧନା ଅପରିହାର୍ଯ୍ୟ। ଜଣକର ଆଧ୍ୟାତ୍ମିକ ଅଗ୍ରଗତିର ପ୍ରଭାବ ଅନ୍ୟ ଉପରେ ନିଶ୍ଚୟ ପଡ଼ିବ ଏବଂ ତା'ର ସହାୟତାରେ ସେ ମଧ ସାଧନା ଆରମ୍ଭ କରିବ ଏବଂ ଅନ୍ୟ କାହାରିକୁ ପ୍ରଭାବିତ କରିବ, ତେଣୁ ସାଧନା ଅପରିହାର୍ଯ୍ୟ।

ଆଉ ସାଧନା ପାଇଁ ଅନେକ ଆବଶ୍ୟକତା ବତାଇଲେ ବାକ୍‌ସଂଯମ। ଅର୍ଥାତ୍ କଥାବାର୍ତ୍ତାରେ ସଂଯମ ଆଚରଣ କରିବା। ମୌନ ରହିବା ନୁହେଁ। ନିରବତା ଏବଂ ମୌନ ସମାନ କଥା ନୁହେଁ। ମୌନ କେବଳ ବାହ୍ୟ ମୁଖରେ ମୌନ ମାତ୍ର ଭିତରେ ପ୍ରବଳ ପ୍ରଗଳ୍ଭ। ନିରବତା ହେଲା ଏକ ବାତାବରଣ ଯାହା ନିଜ ଭିତରକୁ ମଧ ନିରବ କରିବାରେ ସହାୟକ ହୁଏ। ମୌନ ରହିବା ବେଳେ କଥା କହିବାର ଆବଶ୍ୟକତା ଥାଏ ଏବଂ ତାକୁ ଜୋର୍ କରି ବନ୍ଦ କରିଦିଆଯାଇଥାଏ ମାତ୍ର ନିରବତାରେ କଥା କହିବାର ଆବଶ୍ୟକତାକୁ ଦୂର କରିଦିଆଯାଏ। ସାଧାରଣତଃ ଆମେ କହୁଥିବା ଅନେକ କଥା ନକହି ମଧ ଜଣେ ଖୁସୀରେ ଚଳିପାରେ। ତେଣୁ ଭିତରୁ ଜଣେ ଅନୁଭବ କରିପାରିବ ତାକୁ କେତେବେଳେ ଏବଂ କି କଥା କହିବାକୁ ହେବ। ଆଉ ସେକଥା ଜାଣିପାରିଲେ ଆମେ ବାସ୍ତବରେ ଅନେକ ସମୟ ଏବଂ ଶକ୍ତି ସଞ୍ଚୟ କରିପାରିବୁ।

ଆଉ ଗୋଟିଏ ଦୁର୍ବଳତା ହେଲା

ଅନୁପସ୍ଥିତ ଥିବା କୌଣସି ବ୍ୟକ୍ତି ନାମରେ ଆଲୋଚନା କରିବା ଏବଂ ପ୍ରାୟତଃ ତା'ର ଦୁର୍ବଳତା ସମ୍ବନ୍ଧରେ ହିଁ କଥା ହେବା । ତାହା ସାଧାରଣତଃ ଆମ ପାଇଁ ସବୁଠାରୁ ବେଶୀ ଆମୋଦକର ଆଲୋଚନା । ଏହା ଏକ ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ଆଚରଣ । ମା' କହିଛନ୍ତି ଯଦି କାହା ସମ୍ପର୍କରେ ଭଲକଥା କହିବାକୁ ତୁମ ପାଖରେ କିଛି ନାହିଁ ତେବେ ତା' ସମ୍ପର୍କରେ ଆଦୌ ମନ୍ଦକଥା ନକହି ବରଂ ନିରବ ରହିବା ଭଲ ହେବ । ଆମେ ବୋଧହୁଏ ଜାଣୁନି ଅନ୍ୟ କାହା ନାମରେ କିଛି ଗପିବାରେ ସେ ବ୍ୟକ୍ତିଙ୍କର ତ ଆଦୌ କୌଣସି କ୍ଷତି ହୁଏ ନାହିଁ ବରଂ ଆମ ଚେତନାରେ ଅନେକ କ୍ଷତି ଜନ୍ମେ । କାରଣ ସେହି ସମୟରେ ଆମର ସ୍ୱାଭାବିକ ଚେତନା ଅନେକ ନିମ୍ନଗାମୀ ହୁଏ ।

କୌଣସି ଗୋଟିଏ ଛାତ୍ରକୁ ସୁଧାରିବା ପାଇଁ, ସନ୍ତାନକୁ ଠିକ୍ ରାସ୍ତାକୁ ଆଣିବା ପାଇଁ କିମ୍ବା ସେହିଭଳି କାହାରି ସମ୍ପର୍କରେ ଆଲୋଚନା କଲାବେଳେ ଆମେ ତା' ବିରୁଦ୍ଧରେ କହୁଥିଲେ ମଧ୍ୟ ତାହା ଆମର ଚେତନାର କ୍ଷତି କରେ ନାହିଁ କାରଣ ଆମେ ସର୍ବଦା ତା'ର ଭଲ କାମନା କରି ଆଲୋଚନା କରୁଥାଉ ଏବଂ ସେହି ଆଲୋଚନାରେ ଅନାବଶ୍ୟକ ଖୁସୀ ଅନୁଭବ କରୁନଥାଉ । ମାତ୍ର ଆମେ କାହାର ବିରୁଦ୍ଧରେ ଆଲୋଚନା କଲାବେଳେ ଯଦି ପ୍ରାଣସ୍ତରରୁ ଖୁସୀ ଆସିଯାଉଥାଏ ତେବେ ତାହା ନିଶ୍ଚୟ ଆମର ଅନେକ କ୍ଷତି ପହଞ୍ଚାଏ । ଏହା ଆମର ଏକ ଅତ୍ୟନ୍ତ ଅନାବଶ୍ୟକ ଆଚରଣ ।

ବନ୍ଧୁଗଣ, ସମୟ କାହିଁ? ଅନ୍ୟ ବିଷୟରେ ଆଲୋଚନା କରିବା ପାଇଁ, ଅନାବଶ୍ୟକ କଥା ହେବା ପାଇଁ ସମୟ କାହିଁ? ଆପଣଙ୍କ ହାତରେ ତ ଅନେକ କାମ ଥିବ ଯାହା ଆପଣ କେବଳ ସମୟ ଅଭାବରୁ କରିପାରୁ ନଥିବେ । ସେ କାମ ସବୁ କରନ୍ତୁ । କିଛି ନହେଲେ ଅନ୍ତତଃ ଅଧ୍ୟୟନ କିଛି କରନ୍ତୁ । ଘରେ ବଗିଚା କରନ୍ତୁ । ଘରଦ୍ୱାର ପରିଷ୍କାର ପରିଚ୍ଛନ୍ନ କରନ୍ତୁ । ସ୍କୁଲରେ କିମ୍ବା ପାଠଚକ୍ରରେ ଅନେକ କାମ ଅଛି । ସେ ସବୁ କରନ୍ତୁ । ଆପଣଙ୍କ ସ୍କୁଲରେ ଯେତେ ମା' ଶ୍ରୀଅରବିନ୍ଦଙ୍କ ଫଟୋ ଅଛି ସେସବୁ ପ୍ରତ୍ୟେକ ଦିନ ପୋଛା ହୁଏ? ଯଦି ନହେଉଥାଏ ସେ କାମ କରନ୍ତୁ । ଅଭ୍ୟାସ କରି କିଛି ସମୟ ଝାଡୁ ମାରନ୍ତୁ । ପାଠାଗାରରେ ବହିଗୁଡ଼ିକୁ ଝାଡ଼ଝୁଡ଼ କରି ସଜାଇ ରଖନ୍ତୁ । ଚୌକି, ବେଞ୍ଚ ଇତ୍ୟାଦି ଇଲେକ୍ଟ୍ରିକ ଲାଇନ୍, ପାଣି ପାଇପ୍ ପ୍ରଭୃତି ଯଦି ଭାଙ୍ଗି ଯାଇଥିବ ତେବେ ସେସବୁ ମରାମତି କରିବାର ଦାୟିତ୍ୱ ନିଅନ୍ତୁ ।

ଏ ସବୁ ବ୍ୟତୀତ ସ୍କୁଲର ପିଲାମାନଙ୍କର ଘର ଠିକଣା ନେଇ ସେମାନଙ୍କ ଘରକୁ ଯାଆନ୍ତୁ । ଆପଣ ସ୍କୁଲର ଅପା/ଭାଇ ନହୋଇ ଥିଲେ ମଧ୍ୟ

କିଛି ଯାଏ ଆସେ ନାହିଁ। ଦେଖନ୍ତୁ ପିଲାଟିର ଅଭିଭାବକ କେତେ ଖୁସୀ ହେଉଛନ୍ତି। ସେଠାରେ ପାଠଚକ୍ରଟିଏ ଆରମ୍ଭ କରିବା ପାଇଁ ଉତ୍ସାହିତ କରନ୍ତୁ। ମା' ଶ୍ରୀଅରବିନ୍ଦଙ୍କ କିଛି ବାଣୀ ତାଙ୍କ ଘରେ ପହଞ୍ଚାଇ ଦିଅନ୍ତୁ। ଆଉ ଯଦି କାହାର ଘରେ କିମ୍ବା ସ୍କୁଲରେ କିମ୍ବା ପାଠଚକ୍ରରେ କେହି ଅସୁସ୍ଥ ଥାଆନ୍ତି, ସେମାନଙ୍କର ସ୍ୱାସ୍ଥ୍ୟ ପାଇଁ ଡାକ୍ତରଙ୍କୁ ସାକ୍ଷାତ କରନ୍ତୁ। ଯଦି ଆବଶ୍ୟକ ବା ସମ୍ଭାବନା ଥାଏ ତେବେ ଅନ୍ୟ ପ୍ରକାର ସାହାଯ୍ୟ ସହାନୁଭୂତି ପାଇଁ ଉଦ୍ୟମ କରନ୍ତୁ।

ଏ ସବୁ କାର୍ଯ୍ୟ କରିବା ଆବଶ୍ୟକ ଏ କଥା ଆମେ ଜାଣୁ। କେହି କେହି ମଧ୍ୟ ଏ ସବୁ କରନ୍ତି। ମୋର ଏ ଲେଖାଟି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଯେଉଁମାନେ ଅଯଥା ଗପ କରି, ଅନ୍ୟ ନାମରେ ଆଲୋଚନା କରି ସମୟ ନଷ୍ଟ କରୁଛନ୍ତି, ସେମାନଙ୍କ ପାଇଁ।

ଥରେ ଅଭ୍ୟାସ କରନ୍ତୁ ଦେଖିବେ, ଆପଣ ଛାଡ଼ିଲେ କ'ଣ ଆଉ ପାଇଲେ କ'ଣ ?

*ପ୍ରସାଦ ତ୍ରିପାଠୀ*

●

## ମାତୃଭବନ ପତ୍ର ସମ୍ପର୍କରେ

**ଗ୍ରାହକ ଚାନ୍ଦା ବର୍ଷକୁ ୫୦ଟଙ୍କା ଓ ଆଜୀବନ (୨୦ବର୍ଷ) ୧୦୦୦ଟଙ୍କା**

ଯେଉଁ ବନ୍ଧୁମାନଙ୍କର ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ପଚାଶ ଟଙ୍କା ମାତ୍ର** ତୁରନ୍ତ ପଠାଇବାକୁ ଅନୁରୋଧ। ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ। ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି। ମାତୃଭବନ ପତ୍ର ସମ୍ପର୍କରେ କିଛି ଜାଣିବାକୁ ଥିଲେ **ମୋ:୯୪୩୮୭୦୪୬୭୩ରେ ଅନୁପମା ଦଳାଇ (ପିଙ୍କି ଅପା)ଙ୍କୁ** ଜଣାଇବାକୁ ଅନୁରୋଧ। **ଅଭିଯୋଗ ଜଣାଇବା ସମୟରେ ନିଜର ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

**ପରିଚାଳକ**

# ସଙ୍ଗଠନ ସମାଚାର

ଜୁନ ୧୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠକମାନଙ୍କର ୩ୟ ତମ ତାଲିମ ଶିବିର ରିଷିକେଶସ୍ଥିତ ଅରୋଭାଲିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ଓ ଶ୍ରୀମା ଭବିଷ୍ୟତର ଅବତାର", "ଶ୍ରୀଅରବିନ୍ଦଙ୍କ ପାଞ୍ଚଟି ସ୍ୱପ୍ନ ଓ ତିନୋଟି ପାଗଳାମି", "Plains & Parts of the Being", "ଚୈତ୍ୟ ଆବିଷ୍କାର", "ଜୀବନର ପ୍ରକୃତ ଲକ୍ଷ୍ୟ କ'ଣ ଓ ତାହାକୁ ପାଇବାର ପ୍ରଣାଳୀ", "ଦିବ୍ୟଯୁଗ ସ୍ଥାପନାରେ ନାରୀର ଭୂମିକା", "ପୂର୍ଣ୍ଣାଙ୍ଗ ଯୋଗରେ ନାମଜପ", "ଶ୍ରୀଅରବିନ୍ଦ ଯୋଗ ଓ ଅନ୍ୟ ଯୋଗ", "Conscious Motherhood for the Glorious Future", "ମା' ପୁସ୍ତକ", "ଶ୍ରୀଅରବିନ୍ଦ ପାଠଚକ୍ରର ଗୁରୁତ୍ୱ, ଆବଶ୍ୟକତା ଓ ପ୍ରଣାଳୀ" ଓ "ଦେବ ମୁହୂର୍ତ୍ତ" ବିଷୟଗୁଡିକୁ ସରୋଜ କୁମାର ପଣ୍ଡା, ନିଶିଥ ରଞ୍ଜନ ରାଉତ, ପଦ୍ମଲୋଚନ ପୋଥାଳ, ସୁପ୍ରଭା ଚୌଧୁରୀ, ଗୀତାଞ୍ଜଳି ସେନାପତି, ଅଞ୍ଜନା ପ୍ରଧାନ, ବେଲାରାଣୀ ଶତପଥୀ, ସରସ୍ୱତୀ ଦିଦି, ଗୀତା ବର୍ମା, ଡ. ବିରଞ୍ଚି ନାରାୟଣ ମହାପାତ୍ର, ଡ. ଉତପଳା ଖରୋଡ, ପ୍ରଗତି ଆନନ୍ଦ, ଧରିତ୍ରୀ ରାଉତ, ନମିତା ନାୟକ ପ୍ରମୁଖ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ ବ୍ରହ୍ମଦେବ ଜୀ ସହଯୋଗ କରିଥିଲେ। ଏହି ତାଲିମ ଶିବିରରେ ୮ଟି ରାଜ୍ୟରୁ ୫୭ଜଣ ସଭ୍ୟ ଅଂଶଗ୍ରହଣ କରିଥିଲେ।

**ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ:-** ଜୁନ ୧ ରୁ ୪ ତାରିଖ ପର୍ଯ୍ୟନ୍ତ ୩୭ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମୂହର ଅଗ୍ରଦୂତ ଛାତ୍ରଛାତ୍ରୀଙ୍କ ପାଠଚକ୍ର ସମ୍ମିଳନୀ ବରଗଡ ଜିଲ୍ଲାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନ, ସାଧନା ମନ୍ଦିର, ସିମେଣ୍ଟନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "କର୍ମର ଆଧାର ମନ- ପ୍ରାଣ- ଶରୀର", "କର୍ମ ଓ ଜ୍ଞାନ- ଜୀବନର ମୌଳିକ ପୃଷ୍ଠଭୂମି", "ଶ୍ରୀଅରବିନ୍ଦଙ୍କ ଯୋଗରେ କର୍ମ ହିଁ ଏକମାତ୍ର ବିକଳ୍ପ", "ଭଗବାନଙ୍କ ଯନ୍ତ୍ର ହୁଅନ୍ତି ନୂତନ ସତ୍ୟର ଅଗ୍ରଦୂତ", "କର୍ମ ସମର୍ପଣ ଅନିବାର୍ଯ୍ୟ" ସମ୍ପର୍କରେ ରାଧାକାନ୍ତ ମିଶ୍ର, ବ୍ରଜମୋହନ ବେହେରା, ରମେଶ ଚନ୍ଦ୍ର ସାହୁ, ସଞ୍ଜୟ କୁମାର ମହାପାତ୍ର ଓ ଭାଗୀରଥୀ ମହାପାତ୍ର ଆଲୋଚନା କରିଥିଲେ। ଉଦ୍‌ଯାପନ ଦିବସରେ ହରିହର ସାହୁଙ୍କ ଦ୍ୱାରା

ପରିଚାଳିତ ସଭାରେ ଦେବରାଜ ବେହେରା ସ୍ୱାଗତ ଭାଷଣ, ଶରଦ ଯୋଷୀଙ୍କ ସହିତ ମୁକ୍ତ ଆଲୋଚନା ଏବଂ ପ୍ରସାଦ ତ୍ରିପାଠୀ ଉକ୍ତ ଉତ୍ସବରେ ସମୀକ୍ଷା ଓ ଉପସଂହାର କରିଥିଲେ। "କର୍ମରେ ଆନନ୍ଦ" ଭିତ୍ତିକ ଏକ କର୍ମଶାଳା କରାଯାଇଥିଲା। ଏହି ୪ଦିନ ବ୍ୟାପୀ ହୋଇଥିବା ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଆଶିଷ କୁମାର ସାହୁ ଓ ଧୀରେନ୍ଦ୍ରନାଥ ଦାସ ସ୍ୱାଗତ ଅଭିଭାଷଣ, ଉପେନ୍ଦ୍ର ମହାପାତ୍ର ଉପକ୍ରମଣିକା ପ୍ରଦାନ କରିଥିଲେ, ବନ୍ଦିତା ରାୟ, ନମିତା ନାୟକ, ରସରାଜ ନାୟକ ଓ ଅପର୍ଣ୍ଣା ସାମନ୍ତ ଆବାହନୀ, ଲକ୍ଷ୍ମୀପ୍ରିୟା ରାଉତ, କପିଳେନ୍ଦ୍ର ମିଶ୍ର, ଚନ୍ଦ୍ରକାନ୍ତ ପାଣ୍ଡେ, ପୁରୁଷୋତ୍ତମ ସାହୁ ଓ ଆକାଂକ୍ଷା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ଏବଂ ସ୍ୱରାଜ ମହାପାତ୍ର, ସୂର୍ଯ୍ୟକାନ୍ତ ମହାରଣା, ଶୁଭଶ୍ରୀ ସମ୍ପଦା ମିଶ୍ର ଓ ମିହିର ସେଠୀ ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀଧର ସାହୁ, ପ୍ରଶାନ୍ତ ପାତ୍ର ଓ ଡିଳେଶ୍ୱର ବେହେରା ଅଂଶଗ୍ରହଣ କରିଥିଲେ।

**ଗଞ୍ଜାମ:-** ମେ ୧୦ ଓ ୧୧ ତାରିଖରେ ପୋଲସରା ବ୍ଲକ୍ ଅନ୍ତର୍ଗତ ଉସ୍ତାପଡାସ୍ଥିତ ପୁଷ୍ପାଞ୍ଜଳୀ ସ୍ୱାଇଁ ଓ ସୀତା ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଗୌରୀ ରାଉତ ଓ ସରୋଜିନୀ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ "ମା' ଙ୍କ ଆଶୀର୍ବାଦ" ଓ "ମା'ନାମ ଜପ ଏବଂ ମା'ଙ୍କ ଉପସ୍ଥିତି", ସରୋଜିନୀ ପ୍ରଧାନ "ସବୁ ଧନ ସମ୍ପତ୍ତି ଭଗବାନଙ୍କର" ଓ ଗୌରୀ ରାଉତ "ଯଥାର୍ଥ କର୍ମ" ବିଷୟରେ ଆଲୋଚନା କରିଥିଲେ।... ମେ ୨୭ ଓ ୩୦ ତାରିଖରେ ଉସ୍ତାପଡାସ୍ଥିତ ସଞ୍ଜୟ ପ୍ରଧାନ ଓ ମଳୟ ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଗୀତାଞ୍ଜଳି ପ୍ରଧାନ ଓ ସରୋଜିନୀ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ "ସାଧାରଣ ଜୀବନରେ ନାମ ଜପ" ଓ "ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ଆବଶ୍ୟକତା" ଏବଂ ସନ୍ତୋଷ କୁମାର ବେହେରା "ମା'ଙ୍କ ଚାରି ମହାଶକ୍ତି" ଓ "ମା' ବହିର ତୃତୀୟ ଅଧ୍ୟାୟ" ଏବଂ ସୁବାସ ଚନ୍ଦ୍ର ସାହୁ "ପ୍ରାର୍ଥନା" ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୀରା ପ୍ରଧାନ, ସତ୍ୟଭାମା ପ୍ରଧାନ, ଗୌରୀ ରାଉତ, ଲକ୍ଷ୍ମୀ ସ୍ୱାଇଁ, ଶଶି ସ୍ୱାଇଁ ଓ ପଙ୍କଜିନୀ ପ୍ରଧାନ ସହଯୋଗ କରିଥିଲେ।... ୨୯.୫.୨୬ ତାରିଖରେ ପୋଲସରା ଏନ୍.ଏ. ସି.ସ୍ଥିତ ସୁବାସ ଚନ୍ଦ୍ର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ରାଜକୁମାରୀ

ସାହୁଙ୍କ ପରିଚ୍ଚଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ "ଦିବ୍ୟ ଜୀବନ", ସୁଲତା ସାହୁ "ଚେତନାର ପରିବର୍ତ୍ତନ", ମୃତ୍ୟୁଞ୍ଜୟ ଜେନା "ଦିବ୍ୟ ଉପସ୍ଥିତି" ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୌଦାମିନୀ ସାହୁ ଓ ସ୍ୱାଗତିକା ମହାପାତ୍ର ସହଯୋଗ କରିଥିଲେ।... ଜୁନ୍ ୧୩, ୧୪, ୧୮, ୧୯, ୨୦ ଓ ୨୨ ତାରିଖରେ ପୋଲସରା ବ୍ଲକ୍ ଅନ୍ତର୍ଗତ ଉସ୍ତାପଡାସ୍ଥିତ ରାଜୀବ ପ୍ରଧାନ, ପଦ୍ମ ଚରଣ ରାଉତ୍, ଚମ୍ପା ଗୌଡ, କାହ୍ନୁଚରଣ ସ୍ୱାଇଁ, ସନ୍ତୋଷ କୁମାର ରାଉତ, ଲକ୍ଷ୍ମୀ ସ୍ୱାଇଁ ଓ ପ୍ରଦୀପ କୁମାର ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ସତ୍ୟଭାମା ପ୍ରଧାନ, ସ୍ୱପ୍ନା ରାଉତ, ଗୀତାଞ୍ଜଳି ପ୍ରଧାନ, ଗୌରୀ ରାଉତ, ସ୍ୱପ୍ନା ପ୍ରଧାନ, ସରୋଜିନୀ ପ୍ରଧାନଙ୍କ ପରିଚ୍ଚଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ, ସୁବାଷ ଚନ୍ଦ୍ର ସାହୁ, ଗୌରୀ ରାଉତ ଓ ସରୋଜିନୀ ପ୍ରଧାନ "ସମର୍ପଣ ଏକ ଜୀବନ୍ତ ସତ୍ତାର", "ନୀରବତା", "ଚାଲ, ସତ୍ୟର ସେବା କରିବା", "ଆଧ୍ୟାତ୍ମିକ ବାତାବରଣ", "ସକଳ ବାଧା ନିକଟରେ କୃତଜ୍ଞ ହେବା", "ଗୃହ ହେବ ଆଶ୍ରମ", "ହିଂସା ଏକ ଛୋଟ ହୃଦୟର ଲକ୍ଷଣ", "ଦୁଃଖ କଷ୍ଟ ଓ ଭଗବାନଙ୍କ କୃପା", "ଦିବ୍ୟ ସମାଜ ପାଇଁ ପ୍ରସ୍ତୁତି", "କେବଳ ସତ୍ୟ", "ଶ୍ରୀଅରବିନ୍ଦ ପାଠଚକ୍ରର ଉଦ୍ଦେଶ୍ୟ", "କର୍ମର ଭ୍ରାନ୍ତି", "ଆମେ ଧନ ସଂପତ୍ତିର ରକ୍ଷକ, ମାଲିକ ନୁହ", "ଅପମାନ ଆଗରେ ନିଶ୍ଚଳ ହେବା", "ଅଳ୍ପ ଜାଣି ଥିବା ଲୋକଟିଏ" ଏବଂ "କୃପା" ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲକ୍ଷ୍ମୀ ସ୍ୱାଇଁ, ଭାବନି ରାଉତ, ଅଞ୍ଜଳି ରାଉତ, ଶଶି ସ୍ୱାଇଁ, ଭାବିନୀ ସ୍ୱାଇଁ, ପଙ୍କଜିନି ପ୍ରଧାନ, ପୁଷ୍ପା ସ୍ୱାଇଁ, ମୀରା ପ୍ରଧାନ, ସତ୍ୟଭାମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

**ଗଜପତି :-** ୩୦.୫.୨୬ରେ ପାରଳାଖେମୁଣ୍ଡିସ୍ଥିତ କେ. ସୁନୀତାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଗିରିଶ ଚନ୍ଦ୍ର ଦାସ ବିଷୋୟୀଙ୍କ ପରିଚ୍ଚଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଆନ୍ତରିକତା" ସମ୍ପର୍କରେ ବିଜୟ କୁମାର ମୁନି ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସବିତା ପାଢ଼ୀ, ଗୀତାଞ୍ଜଳୀ ଦାସ, ଗଙ୍ଗାଧର ଦାସ, ବିଜୟ କୁମାର ମୁନି ଓ ଗୌରହରି ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ।

**ଆସ୍ଥା ମଣ୍ଡଳ**

**ଭଦ୍ରକ :-** ୨୨.୫.୨୬ରେ

ଖପୁରିଆପଦାସ୍ଥିତ ଭରତ ଚନ୍ଦ୍ର ନନ୍ଦଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ହୃଷିକେଶ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାଗିରଥୀ ସାହ ଅଂଶଗ୍ରହଣ କରିଥିଲେ ।... ୨୭.୫.୨୬ରେ ବିରିଡିସ୍ଥିତ ପୀତାମ୍ବର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାଗିରଥୀ ସାହୁ "ଚେତନାକୁ ପ୍ରସାରିତ କରିବା" ଏବଂ ପ୍ରଦୀପ କୁମାର ଜେନା "ନବଜାତ ଶିଶୁଟିର ପୃଥିବୀକୁ ଆଗମନ" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନାରାଣୀ ସାହୁ ଓ ଭରତଚନ୍ଦ୍ର ନନ୍ଦ ଅଂଶଗ୍ରହଣ କରିଥିଲେ ।... ମେ ୨୯ ରୁ ୩୧ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ଦାଲୋଠାର ବ୍ଲକସ୍ତରୀୟ ଯୁବଛାତ୍ର ଶିବିର ପ୍ରଦୀପ କୁମାର ଜେନା, ଯାଜ୍ଞସେନୀ ମିଶ୍ର, ହୃଷିକେଶ ମିଶ୍ର, ସତ୍ୟବ୍ରତ ପତି, ସୁଦୀପ୍ତା ସାହୁ ଓ ସ୍ମିତାଞ୍ଜଳୀ ଜେନା ପ୍ରମୁଖଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଜୟ ସାମଲ, ଅମିତ କୁମାର ସାହୁ, ସଞ୍ଜୁକ୍ତା ପ୍ରଧାନ, ବିନେନ୍ଦ୍ର ମହାନ୍ତି ଓ ସସ୍ମିତା ପୋଥାଳ ବକ୍ତା ଭାବେ ଯୋଗଦାନ କରିଥିଲେ । ଏଥିରେ ପ୍ରତ୍ୟହ ସକାଳ ସମୟରେ ମା' ବହିର ୪ର୍ଥ ଓ ୫ମ ଅଧ୍ୟାୟର ଏକ କର୍ମଶାଳା କରାଯାଇଥିଲା ଏବଂ ଅଜୟ ସାମଲ, ସଞ୍ଜୁକ୍ତା ପ୍ରଧାନ ଓ ଅମିତ କୁମାର ସାହୁ ଉପସଂହାର ପ୍ରଦାନ କରିଥିଲେ । ପରିଶେଷରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ହୃଷିକେଶ ମିଶ୍ର, ମନୋରଞ୍ଜନ ଜେନା, ଭାଗିରଥୀ ସାହୁ, ଭରତଚନ୍ଦ୍ର ନନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।... ୫.୬.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ଦାଲୋଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମା'ଙ୍କ ବ୍ୟକ୍ତିତ୍ୱ" ସମ୍ପର୍କରେ ଭାଗିରଥୀ ସାହୁ ଓ ହୃଷିକେଶ ମିଶ୍ର ଆଲୋଚନା କରିଥିଲେ ।... ୯.୬.୨୬ରେ କଣ୍ଟିସ୍ଥିତ ଦୟାନିଧି ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଗଦାଧର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି ।... ୧୨.୬.୨୬ରେ ଖପୁରୀଆପଦାସ୍ଥିତ ପ୍ରଫୁଲ୍ଲ କୁମାର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମା' କିଏ" ସମ୍ପର୍କରେ ଆଲୋଚନା କରାଯାଇଥିଲା ।

**ମୟୂରଭଞ୍ଜ:–** ୧୩.୫.୨୬ରେ ଗୋପବନ୍ଧୁ ନଗର ବ୍ଲକସ୍ଥିତ ଶ୍ରୀମାଶ୍ରୀଅରବିନ୍ଦ ସାଧନାଳୟ, ପଟୁଆର ବାର୍ଷିକୋତ୍ସବ ଦିଲ୍ଲୀପ ଭୋଇଙ୍କ ପରିଚାଳନାରେ ପାଳିତ

ହୋଇଯାଇଛି । ଏଥିରେ ସଞ୍ଜୁକ୍ତା ପ୍ରଧାନ "ସମର୍ପଣ ଓ ବାଧାବିଘ୍ନ", ଡ. କିଶୋର ମହାପାତ୍ର "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା", ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ "ପୂର୍ଣ୍ଣ ଯୋଗରେ ସାଧକ ଓ ସାଧନା" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶଶିକାନ୍ତ ଭୋଇ ସାଙ୍ଗଠନିକ ସୂଚନା ପ୍ରଦାନ କରିଥିଲେ ଏବଂ ଚିତ୍ତ ରଞ୍ଜନ ମହାପାତ୍ର କୃତଜ୍ଞତା ଜ୍ଞାପନ କରିଥିଲେ ।... ଜୁନ୍ ୩ ଓ ୫ ତାରିଖରେ କପ୍ତିପଦା ବ୍ଲକର ମଝି ଗଡିଆସ୍ଥିତ ଭକ୍ତିସାମୀ ଭୋଇ ଓ ମହୁଲ ଦିହାସ୍ଥିତ ଶୁଭଙ୍କର ଖଣ୍ଡାଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୭.୫.୨୬ରେ କୁଳିଅଣାଠାରେ ଜୁଲାଇ ସମ୍ମିଳନୀ ପାଇଁ ଜିଲ୍ଲାସ୍ତରୀୟ ସଙ୍ଗଠକମାନଙ୍କ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।... ଜୁନ ୧୫ ଓ ୧୬ ତାରିଖରେ କପ୍ତିପଦାସ୍ଥିତ ରଞ୍ଜନ ସାମଲ ଏବଂ କାମବଣିସ୍ଥିତ ସୁକାନ୍ତି ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି ।

### କୃପା ମଣ୍ଡଳ

**ଢେଙ୍କାନାଳ:-** ୨୨.୫.୨୬ରେ ବୋରାପଦାସ୍ଥିତ ଅନୁସୂୟା ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ରରେ ପ୍ରପତ୍ତିଙ୍କ ରଚନା ସଂଗ୍ରହ ପୁସ୍ତକ ପାଠ କରି ଆଲୋଚନା କରାଯାଥିଲା ।... ୨୪.୫.୨୬ରେ ବାରୁଆଁ ମାତୃକୁଟୀରଠାରେ ଭୁବନ ବ୍ଲକ ସଙ୍ଗଠକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଦଶକର୍ମଧାରା" ବିଷୟରେ ଆଲୋଚନା ହୋଇଥିଲା ।... ୨୬.୫.୨୬ରେ ଗୁଡିଆନାଳୀସ୍ଥିତ ଗୀତାଞ୍ଜଳି ମହାପାତ୍ରଙ୍କ ବାସଭବନରେ ଦିବ୍ୟ ଚେତନା ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ନବସୃଷ୍ଟି" ସମ୍ପର୍କରେ ସୁଲୋଚନା ସାହୁ ଓ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମମତା ବେହେରା, ପାର୍ବତୀ ଜେନା ଓ ସ୍ୱର୍ଣ୍ଣଲତା ଦାଶ ସହଯୋଗ କରିଥିଲେ ।... ୨୭.୫.୨୬ରେ ହାଟରୋଡସ୍ଥିତ ଝୁନୁବାଳା ନାୟକଙ୍କ ବାସଭବନରେ ଶକ୍ତିମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ଅଷ୍ଟମ ବାର୍ଷିକୋତ୍ସବରେ ସୁଲୋଚନା ସାହୁ "ଭଗବାନ୍ ସର୍ବଶକ୍ତିମାନ" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜସ୍ମିନ ସାହୁ ଓ ଜ୍ୟୋତିର୍ମୟୀ ରାଉତ ସହଯୋଗ କରିଥିଲେ ।... ୨୮.୫.୨୬ରେ କଙ୍କଡାହାଡସ୍ଥିତ ଯମୁନା ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ମଧୁମୟୀ ପାଠଚକ୍ରର ୧୯ତମ ବାର୍ଷିକୋତ୍ସବରେ "ମା' ପୁସ୍ତକ"

ପାଠକରି ସାମୁହିକ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜୟନ୍ତୀ ବେହେରା ଅଂଶଗ୍ରହଣ କରିଥିଲେ।... ୩୦.୫.୨୬ରେ ଲକ୍ଷ୍ମୀଧରପୁରସ୍ଥିତ ସରୋଜ ମହାପାତ୍ରଙ୍କ ବାସଭବନରେ ଅରୋଶ୍ରୀ ଶ୍ରୀଅରବିନ୍ଦ ପାଠଚକ୍ରର ଚତୁର୍ଥ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ନାମଜପର ମହାତ୍ମ୍ୟ" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରୁନୁବାଳା ମହାପାତ୍ର, ବୈଭବୀ ଜେନା, ଶଉସ୍ମିତା ମହାନ୍ତ ଓ ଲତା ମହନ୍ତ ସହଯୋଗ କରିଥିଲେ।... ୩୧.୫.୨୬ରେ ଗୁଡିଆନାଳୀସ୍ଥିତ ମମତା ବେହେରାଙ୍କ ବାସଭବନରେ ମଧୁମୟୀ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମର ଉଦ୍ଦେଶ୍ୟ" ସମ୍ପର୍କରେ ସୁଲୋଚନା ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଶାନ୍ତ ବେହେରା, ରାଜଶ୍ରୀ ପଟ୍ଟନାୟକ ଓ ଅନୁସୂୟା ବେହେରା ସହଯୋଗ କରିଥିଲେ।... ୩୧.୫.୨୬ରେ ବାଲିଗୋ ଗ୍ରାମ ପଞ୍ଚାୟତସ୍ଥିତ ରବି ବରାଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ଜ୍ୟୋତିର୍ମୟୀ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବରେ ଜୈନେତ୍ରୀ ଦାସ "ବର୍ତ୍ତମାନ ପରିସ୍ଥିତିରେ ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁଭଦ୍ରା ବରାଳ, ପ୍ରଭାତ ଗ୍ରନ୍ଦ, ଦେବାଶିଷ ମହାନ୍ତ ଓ ଓମ୍ ଦେହୁରୀ ସହଯୋଗ କରିଥିଲେ।... ୩୧.୫.୨୬ରେ ଭୂଷଳ ପଞ୍ଚାୟତର ଚଣ୍ଡିପାଳସ୍ଥିତ ସୁବାସ ଚନ୍ଦ୍ର ତରାଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ଦିବ୍ୟ ସଙ୍ଗତି ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "କେବଳ ମା'ଙ୍କୁ ଡାକିବା" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନମିତା ତରାଇ, ଲକ୍ଷ୍ମୀ ମହାନ୍ତ, ଆଶିଷ ମହାନ୍ତ ଓ ଦ୍ରୋଣ ପ୍ରଧାନ ସହଯୋଗ କରିଥିଲେ।... ୧.୬.୨୬ରେ ହିନ୍ଦୋଳସ୍ଥିତ ଡ. ଚୈତନ୍ୟ ପ୍ରସାଦ ସାହୁଙ୍କ କ୍ଲିନିକ୍‌ରେ ହିନ୍ଦୋଳ ବ୍ଲକ ସଙ୍ଗଠକମାନଙ୍କ ସମାବେଶରେ ଦଶକର୍ମଧାରା ବିଷୟରେ ଆଲୋଚନା କରାଯାଇଥିଲା।... ୨.୬.୨୬ରେ ଏକତାଳି ଗ୍ରାମ ପଞ୍ଚାୟତସ୍ଥିତ ସନ୍ତୋଷ ମଲ୍ଲିକଙ୍କ ବାସଭବନରେ ଶ୍ରୀଅରବିନ୍ଦ ଦିବ୍ୟ ସୁରଭି ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବରେ ଜୈନେତ୍ରୀ ଦାସ "ସମର୍ପଣ ଓ ବାଧାବିଘ୍ନ" ସମ୍ପର୍କରେ ଆଲୋଚନା କରିଥିଲେ।... ୩.୬.୨୬ରେ ଶ୍ରୀରାମନଗରସ୍ଥିତ ରଶ୍ମିତା ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ଶୁଦ୍ଧତା ପାଠଚକ୍ରରେ "କୃପା" ସମ୍ପର୍କରେ

ସୁଲୋଚନା ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମମତା ବେହେରା ଓ ଜ୍ୟୋତିର୍ମୟୀ ରାଉତ ସହଯୋଗ କରିଥିଲେ।... ୩.୬.୨୬ରେ ସଂସାଇଲୋସ୍ଥିତ ପ୍ରମୋଦ ସାହୁଙ୍କ ବାସଭବନରେ ମାତୃମୀରା ଶ୍ରୀଅରବିନ୍ଦ ମହିଳା ପାଠଚକ୍ରରେ "ପାରିବାରିକ ସମସ୍ୟା" ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସବିତା ସାହୁ, ସସ୍ମିତା ସାହୁ ଓ ଅର୍ପିତା ସାହୁ ସହଯୋଗ କରିଥିଲେ।... ୪.୬.୨୬ରେ ଗୁଡିଆନାଳୀସ୍ଥିତ ବକ୍ସ୍ କଲୋନୀସ୍ଥିତ ନମିତା ମିଶ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ରର ମାସିକିଆ ପାଠଚକ୍ରରେ "ଶିକ୍ଷା" ପୁସ୍ତକ ପାଠ କରି ସୁଲୋଚନା ସାହୁ ଆଲୋଚନା କରିଥିଲେ।... ୪..୬.୨୬ରେ କାଟେଣୀ ପଞ୍ଚାୟତସ୍ଥିତ ସଂସାଇଲୋ ଗ୍ରାମର ସଞ୍ଜୁକ୍ତା ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ଅଗ୍ନିଶିଖା ମହିଳା ପାଠଚକ୍ର ନାମରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ- ୧ମ ଖଣ୍ଡ" ପୁସ୍ତକ ପାଠ କରି ସାମୁହିକ ଆଲୋଚନା କରାଯାଇଥିଲା।... ୫.୬.୨୬ରେ ଭାଗିରଥି ବିହାରସ୍ଥିତ ସ୍ନେହ ଭଞ୍ଜଙ୍କ ବାସଭବନରେ ଶ୍ରୀଅରବିନ୍ଦ ସାଧନାଳୟ ପାଠଚକ୍ରର ୨୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟକର୍ମୀ", "ମା'ଙ୍କ ଦିବ୍ୟ ଉପସ୍ଥିତି", "ବାଧାବିଘ୍ନ ପ୍ରତି କୃତଜ୍ଞ ରହିବା", "ଶ୍ରୀଅରବିନ୍ଦଙ୍କ ଯୋଗ ପାଇଁ ଯୋଗ୍ୟ ହେବା" ସମ୍ପର୍କରେ ନିରଞ୍ଜନ ମହାପାତ୍ର, ସଞ୍ଜିତା ବେହେରା, ବିକାଶ ରଞ୍ଜନ ପରିଡା, ବ୍ରଜ ମୋହନ ବେହେରା ଓ ପ୍ରସାଦ ତ୍ରିପାଠୀ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସସ୍ମିତା ଶୁଭଶ୍ରୀ ଭଞ୍ଜ, ଶଶୀରେଖା ମହାନ୍ତି, ସସ୍ମିତା ଶୁଭଶ୍ରୀ ଭଞ୍ଜ ଓ ରାଜଶ୍ରୀ ପଟ୍ଟନାୟକ ସହଯୋଗ କରିଥିଲେ।... ୬.୬.୨୬ରେ ଗାନ୍ଧୀମନ୍ଦିରରୋଡସ୍ଥିତ ସନ୍ତୋଷ କୁମାର ସ୍ୱାଇଁଙ୍କ ବାସଭବନରେ ମାତୃଳାୟ ଜ୍ୟୋତିର୍ମୟୀ ପାଠଚକ୍ରର ୨୦ତମ ବାର୍ଷିକୋତ୍ସବରେ ସୁଲୋଚନା ସାହୁ "ସବୁ କିଛି ସମ୍ଭବ ଯଦି ଥାଏ ଦିବ୍ୟ ସ୍ପର୍ଶ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଞ୍ଜୁକ୍ତା ବେହେରା, ମମତା ବେହେରା, ନମିତା ମିଶ୍ର ଓ ଜ୍ୟୋତିର୍ମୟୀ ରାଉତ ସହଯୋଗ କରିଥିଲେ।... ୬.୬.୨୬ରେ କାଟେଣୀ ପଞ୍ଚାୟତସ୍ଥିତ ସଂସାଇଲୋ ଗ୍ରାମର ବିଦ୍ୟାଧର ସାହୁଙ୍କ ବାସଭବନରେ ସତ୍ୟଚେତନା ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସବିତା ସାହୁ

"ଶ୍ରୀରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ-୩ୟ ଖଣ୍ଡ" ପୁସ୍ତକ ପାଠ କରି ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସସ୍ମିତା ସାହୁ, ବବିତା ସାହୁ, ସବିତା ସାହୁ ସହଯୋଗ କରିଥିଲେ ।... ୮.୬.୨୬ରେ କେରଜୋଳି ପଞ୍ଚାୟତସ୍ଥିତ ରୋଡଙ୍ଗ ଗ୍ରାମର ବନିତା ପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ଦିବ୍ୟସଙ୍ଘ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବରେ ଜୈନେତ୍ରୀ ଦାସ "ଜୀବନ ଓ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶୁଭସ୍ମିତା ମହାନ୍ତ, ସୀମା ମହାନ୍ତ, ବନିତା ପାତ୍ର ଓ ଲିଜା ପାତ୍ର ସହଯୋଗ କରିଥିଲେ ।... ୯.୬.୨୬ରେ ଗାନ୍ଧୀରୋଡସ୍ଥିତ ଦିବ୍ୟଜ୍ୟୋତି ଶ୍ରୀଅରବିନ୍ଦ ପାଠଚକ୍ରର ଦ୍ୱିତୀୟ ବାର୍ଷିକୋତ୍ସବରେ ସୁଲୋଚନା ସାହୁ "ଶକ୍ତି ଚତୁଷ୍ଟୟ" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜ୍ୟୋତିର୍ମୟୀ ରାଉତ ଓ କ୍ଷଣପ୍ରଭା ମହାନ୍ତି ସହଯୋଗ କରିଥିଲେ ।... ୧୦.୬.୨୬ରେ ସିମିଳିଆସ୍ଥିତ ଦିବ୍ୟଜନନୀ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ସୃଷ୍ଟିର ସମସ୍ତ ରଚନା ତାଙ୍କର" ସମ୍ପର୍କରେ ସୁଲୋଚନା ସାହୁ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକମରେ ରାଜଶ୍ରୀ ନାୟକ ଅଂଶଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାଜଶ୍ରୀ ସୋନାଲିକା ଅଂଶଗ୍ରହଣ କରିଥିଲେ ।... ୧୬.୬.୨୬ରେ ପାରାଡାଇଜ୍ ଲେନ୍‌ସ୍ଥିତ ଶାଶ୍ୱତ ସେନ୍‌ଙ୍କ ବାସଭବନରେ ଶ୍ରୀଅରବିନ୍ଦ ନବଜ୍ୟୋତି ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମୃତ୍ୟୁ ଓ ଶ୍ରାଦ୍ଧ" ସମ୍ପର୍କରେ ସୁଲୋଚନା ସାହୁ ଆଲୋଚନା କରିଥିଲେ ।

## ନିଷ୍ଠା ମଣ୍ଡଳ

**ଖୋର୍ଦ୍ଧା:-** ୩୧.୫.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃଭବନ, ବଉଳାବନ୍ଧଠାରେ ୨୩ତମ ଶ୍ରୀଅରବିନ୍ଦ ଅଗ୍ରଦୂତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ "କେବଳ ଭଗବାନଙ୍କ ପାଇଁ ଜୀବନ ଧାରଣ କରିବା" ସମ୍ପର୍କରେ ପ୍ରସାଦ ତ୍ରିପାଠୀ, ଧରିତ୍ରୀ ରାଉତ, ନିଶିଥ ରଞ୍ଜନ ରାଉତ ଓ ଯଚିନ୍ଦ୍ର ଦାଶ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ "ଦୈନନ୍ଦିନ ଜୀବନରେ ଶ୍ରୀମା" ସମ୍ପର୍କରେ ଦଳଗତ ଆଲୋଚନା କରାଯାଇଥିଲା ।

## ସତ୍ୟ ମଣ୍ଡଳ

**କଟକ:-** ୨୩.୪.୨୬ରେ କଳପଡାସ୍ଥିତ କୈଳାସ ଚନ୍ଦ୍ର ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଶଙ୍କର୍ଷଣ ସେନାପତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଧର୍ମାନନ୍ଦ ପାଣ୍ଡେ, ଚିନ୍ତାମଣି ସାହୁ, ନିକୁଞ୍ଜ ବିହାରୀ ମହାନ୍ତି, ମଧୁସ୍ମିତା ଜେନା, ସରୋଜିନୀ

ପରିଜା, ରଶ୍ମିତା ପତି, ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୨୪.୪.୨୬ରେ ଶ୍ରୀଅରବିନ୍ଦ କର୍ମକେନ୍ଦ୍ର, ବହଳପଡାଠାରେ ଦିବ୍ୟଜନନୀ ଶ୍ରୀମା'ଙ୍କ ପଣ୍ଡିଚେରୀ ଆଗମନ ଦିବସ ନବ କିଶୋର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ- ୧ମ ଖଣ୍ଡ" ପୁସ୍ତକ ପାଠ କରି ଆଲୋଚନା କରାଯାଇଥିଲା।... ୩୦.୪.୨୬ରେ କଳପଡାସ୍ଥିତ ପ୍ରପତ୍ତି ଭବନଠାରେ ପୂଜ୍ୟ ପ୍ରପତ୍ତିଙ୍କ ଜୟନ୍ତୀ ଉତ୍ସବ ଜ୍ୟୋତ୍ସ୍ନାରାଣୀ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସାଦ ତ୍ରିପାଠୀ ଓ ସଞ୍ଜୟ କୁମାର ମହାପାତ୍ର "ପ୍ରପତ୍ତିଙ୍କ ଆଦର୍ଶ" ସମ୍ପର୍କରେ ଆଲୋଚନା କରିଥିଲେ।... ୧୧.୫.୨୬ରେ ଧୂଳୀଶ୍ୱରସ୍ଥିତ ଜ୍ୟୋତି ପ୍ରକାଶ ମନ୍ଦିରଠାରେ ଆଲୋକ କୁମାର ନାୟକଙ୍କ ଆୟୋଜନରେ ଶ୍ରୀଅରବିନ୍ଦ ପାଠଚକ୍ରର ୩୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବୀନ୍ଦ୍ର କୁମାର ନାୟକ, ଶଙ୍କର୍ଷଣ ସେନାପତି, ସଞ୍ଜୟ କୁମାର ମହାପାତ୍ର, ସୁକାନ୍ତ କୁମାର ଚୌଧୁରୀ ଓ ନାରାୟଣ ଚନ୍ଦ୍ର ଶତପଥି "ଏହି ପୃଥିବୀ ହିଁ ହେବ ଭଗବାନଙ୍କ ଆନନ୍ଦର ଧାମ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୧.୬.୨୬ରେ ମାତୃଭବନ, କଟକଠାରେ କଟକ ଜିଲ୍ଲାର ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠକ/ସଙ୍ଗଠିକାମାନଙ୍କ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।... ୨୫.୬.୨୬ରେ ମଦନମୋହନ ନଗର, ତିନିଘରିଆସ୍ଥିତ ଲାବଣ୍ୟ ତ୍ରିପାଠୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପୂର୍ଣ୍ଣତାର ମାର୍ଗ" ସମ୍ପର୍କରେ ରାମକୃଷ୍ଣ ନାୟକ, ପଦ୍ମଲୋଚନ ପୋଥାଳ ଓ ନିଶିଥ ରଞ୍ଜନ ରାଉତ ଆଲୋଚନା କରିଥିଲେ।... ୨୭.୬.୨୬ରେ କଲ୍ୟାଣୀନଗରସ୍ଥିତ ବିଷ୍ଣୁ ପାଣିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟକର୍ମର କର୍ମୀ" ସମ୍ପର୍କରେ ସମରେନ୍ଦ୍ର ରାଉତ, ପଦ୍ମଲୋଚନ ପୋଥାଳ ଓ ରାମକୃଷ୍ଣ ନାୟକ ଆଲୋଚନା କରିଥିଲେ ଏବଂ ପ୍ରସାଦ ତ୍ରିପାଠୀ ଉପସଂହାର କରିଥିଲେ।

**ଜଗତସିଂହପୁର:-** ୨୧.୬.୨୬ରେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଶ୍ରୀଅରବିନ୍ଦ ସାଧନା ମନ୍ଦିର, ଗନାଇଲୋଠାରେ ଜୁଲାଇ କର୍ମୀସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିରୁପମା ଚଇନି ସ୍ୱାଗତଭାଷଣ, ଧ୍ରୁବ ଚରଣ ସାହୁ, ତାପସ ମହାପାତ୍ର, ତଥା ସଙ୍ଗଠକମାନେ "ପଞ୍ଚାୟତଗୁଡିକରେ ମାତୃକାର୍ଯ୍ୟର

ପ୍ରସାରଣ କିପରି ହେବ" ବିଷୟରେ ଆଲୋଚନା କରିଥିଲେ। ପରିଶେଷରେ ଦେବଦତ୍ତ ସାହୁ କର୍ମୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।... ୧୫.୬.୨୬ରେ ବଡ଼ରୋଡଙ୍ଗ ଗ୍ରାମରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଗୃହର ଉଦ୍ଘାଟନ ଅବସରରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବରାଜ ପାତ୍ରଙ୍କର ପରିଚାଳନାରେ ସୁକାନ୍ତ କୁମାର ନାଏକ, ଖଗେଶ୍ୱର ସାହୁ ଓ ଧ୍ରୁବ ଚରଣ ସାହୁ "ଦୈନନ୍ଦିନ ଜୀବନରେ କିପରି ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କର୍ମ କରିବା" ସମ୍ପର୍କରେ ଆଲୋଚନା କରିଥିଲେ।

**କେନ୍ଦୁଝର:-** ୩୧.୫.୨୬ରେ ଶୈଳଙ୍ଗସ୍ଥିତ ତୁଳସୀ ବେଜଙ୍କ ବାସଭବନରେ ଗୁନଚରଣ ସାହୁଙ୍କ ପରିଚ୍ଚାଳନାରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୀତାଞ୍ଜଳି ସାହୁ ଓ ବୃନ୍ଦାବନ ବାଇ ଅଂଶଗ୍ରହଣ କରିଥିଲେ।... ୧.୬.୨୬ରେ ପାଟଣାଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨.୬.୨୬ରେ ପଦ୍ମପୁରଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ୩୯ତମ ବାର୍ଷିକୋତ୍ସବ ଗୁନ ଚରଣ ସାହୁଙ୍କ ପରିଚ୍ଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "କୃତଜ୍ଞତା", "ସାବିତ୍ରୀ" ଓ "ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀର ଚର୍ଚ୍ଚା" ସମ୍ପର୍କରେ ସଞ୍ଜୁକ୍ତା ପ୍ରଧାନ, ବୃନ୍ଦାବନ ବାଇ ଓ ଅଜୟ କୁମାର ସାହୁ ଆଲୋଚନା କରିଥିଲେ।... ୨.୬.୨୬ରେ କେନ୍ଦୁଝରଗଡସ୍ଥିତ ନୀରୋଦ କୁମାର ମହାନ୍ତିଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ମାତୃନିଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଚୈତ୍ୟପୁରୁଷ" ସମ୍ପର୍କରେ ବୀରେନ୍ଦ୍ରନାଥ ମହାନ୍ତି ଆଲୋଚନା କରିଥିଲେ।... ୫.୬.୨୬ରେ କେନ୍ଦୁଝରଗଡସ୍ଥିତ ରାଜନ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଦୋଳଗୋବିନ୍ଦ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀରୋଦ କୁମାର ମହାନ୍ତି ଓ ବୀରେନ୍ଦ୍ରନାଥ ମହାନ୍ତି "ପୂର୍ଣ୍ଣଯୋଗରେ ମାତୃକୃପା" ସମ୍ପର୍କରେ ଆଲୋଚନା କରିଥିଲେ।... ୬.୬.୨୬ରେ ବଞ୍ଚୋଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ଅନନ୍ତ ଚରଣ ଖୁଣ୍ଟିଆ, ସବିତା ମିଶ୍ର ଓ ବୃନ୍ଦାବନ ବାଇ "ନିଜକୁ ଜାଣିବା", "ଶ୍ରୀଅରବିନ୍ଦ ପାଠଚକ୍ର ଓ ଭବିଷ୍ୟତର ସମାଜ", "All nature dumbly calls to Her alone" ବିଷୟରେ ଆଲୋଚନା କରିଥିଲେ। ଉକ୍ତ ଦିବସରେ ଅନ୍ୟ ଏକ ଶ୍ରୀଅରବିନ୍ଦ ପାଠଚକ୍ରରେ "ଦିବ୍ୟଜନନୀ" ସମ୍ପର୍କରେ ବୃନ୍ଦାବନ ବାଇ ଆଲୋଚନା କରିଥିଲେ।...

୧୦.୬.୨୬ରେ ବାଙ୍ଗିତିସ୍ଥିତ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ରଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ସନାତନ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନନ୍ତ ଚରଣ ଖୁଣ୍ଟିଆ, ସବିତା ମିଶ୍ର ଓ ବୃନ୍ଦାବନ ବାଇ ଆଲୋଚନା କରିଥିଲେ।... ୧୭.୬.୨୬ରେ କଇନିପୁରାସ୍ଥିତ ଗୁନଚରଣ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଗୀତାଞ୍ଜଳି ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅର୍ନ୍ତଜୀବନ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ଜୁନ ୨୧ ଓ ୨୨ତାରିଖରେ ଟୋଲଙ୍କ ଗ୍ରାମ ପଞ୍ଚାୟତସ୍ଥିତ ମଙ୍ଗଳପୁର ଓ ଘଟରା ଗ୍ରାମରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ବୃନ୍ଦାବନ ବାଇ ଓ ଅଲେଖ ଚନ୍ଦ୍ର ସାହୁ "ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆବିର୍ଭାବ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୪.୪.୨୬ରେ ଗହଳମୁଣ୍ଡାସ୍ଥିତ ଜନାର୍ଦ୍ଦନ ମହାନ୍ତଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନନ୍ତ ଚରଣ ଖୁଣ୍ଟିଆ ଓ ବୃନ୍ଦାବନ ବାଇ "ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆବିର୍ଭାବର ରହସ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ।

**କେନ୍ଦ୍ରାପଡ଼ା:** ୫.୫.୨୬ରେ ମୁଣ୍ଡାଳୋସ୍ଥିତ ରତ୍ନାକର ନାୟକଙ୍କ ବାସଭବନରେ ଆନନ୍ଦମୟୀ ପାଠଚକ୍ରର ୨୧ତମ ବାର୍ଷିକୋତ୍ସବ ଭକ୍ତରଞ୍ଜନ କରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପୂର୍ଣ୍ଣଯୋଗ" ବିଷୟରେ ହରିହର ମଲ୍ଲିକ, ବଙ୍କିମ ଚନ୍ଦ୍ର ପ୍ରଧାନ, ମଳୟ କୁମାର ପ୍ରଧାନ ଓ ଉର୍ମିଳା ରାଉତ ଆଲୋଚନା କରିଥିଲେ।... ୨୫.୫.୨୬ରେ ରିଖ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମୀରପାଟଣାଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ଅଗ୍ରଦୂତ ପାଠଚକ୍ରର ବାର୍ଷିକ ଉତ୍ସବ ସ୍ୱରାଜ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକାଶ ରଞ୍ଜନ ପରିଡ଼ା ଯୋଗଦାନ କରିଥିଲେ।... ୨୬.୫.୨୬ରେ ଜଜାଙ୍ଗସ୍ଥିତ ବନଲତା ସେଠୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର କୃଷ୍ଣପ୍ରିୟା ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିବସର ଗୁରୁତ୍ୱ" ପ୍ରସଙ୍ଗରେ ନୟନା ବେହେରା ଆଲୋଚନା କରିଥିଲେ।... ୨୭.୫.୨୬ରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଖ୍ରୀଷ୍ଟିଆନପଡାସ୍ଥିତ କଳ୍ପନା ଚୌଧୁରୀଙ୍କ ବାସଭବନରେ ସ୍ୱର୍ଗତ ଡାକ୍ତର ଗୋଲେଖ ଚନ୍ଦ୍ର ନାଉରୀଙ୍କ ଚତୁର୍ଦ୍ଦଶ ଦିବସରେ ଶ୍ରୀଅରବିନ୍ଦ ପାଠଚକ୍ର ଜଗନ ମୋହନ

ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାନ ଚନ୍ଦ୍ର ସ୍ୱାଇଁ, ନଳିନୀକାନ୍ତ ନାୟକ, ଧରଣୀ ଧର ପାତ୍ର ଓ ଜନ୍ମେଜୟ ପ୍ରଧାନ "ମୃତ୍ୟୁ ଓ ପୁନର୍ଜନ୍ମ" ପ୍ରସଙ୍ଗରେ ଆଲୋଚନା କରିଥିଲେ ।... ୨୮.୪.୨୬ରେ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ର ଜଜାଙ୍ଗଠାରେ ମହାକାଳପଡା, ମାର୍ଶାଘାଇ ଓ ପଟ୍ଟାମୁଣ୍ଡାଇ ବ୍ଲକର ସୁମନ ଦିଦିଙ୍କର ପ୍ରସ୍ତୁତି ବୈଠକ ଏବଂ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୩୧.୫.୨୬ରେ ନରହରିପୁରସ୍ଥିତ ମଳୟ କୁମାର ଜେନାଙ୍କ ବାସଭବନରେ କେନ୍ଦ୍ରାପଡ଼ା ୟୁନିଟର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ଦେବବ୍ରତ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଞ୍ଜନା ପ୍ରଧାନ, ନୟନା ବେହେରା, ପ୍ରମୋଦ କୁମାର ମିଶ୍ର, ଉର୍ମିଳା ରାଉତ ଓ ମନ୍ଦାକିନୀ ଦାସ "ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ ତୃତୀୟ ଖଣ୍ଡ"ରୁ ଆଲୋଚନା କରିଥିଲେ । ଏବଂ ଉକ୍ତ ଦିବସର ଅପରାହ୍ନରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା ।... ୧.୬.୨୬ରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଧୁମାତିସ୍ଥିତ ସୁଧାଂଶୁ ବାଳା ଦାସ ଙ୍କ ବାସଭବନରେ ଶୁଭମ୍‌ର ୨୯ ତମ ଜନ୍ମ ଦିବସ ଉପଲକ୍ଷେ ଏକ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୬.୬.୨୬ରେ ଶ୍ରୀମୀରା ଆଶ୍ରମ କେନ୍ଦ୍ରାପଡ଼ାଠାରେ ଜୁଲାଇ ମାସରେ ଅନୁଷ୍ଠିତ କର୍ମୀ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।... ୧୦.୬.୨୬ରେ ଶ୍ରୀମୀରା ଆଶ୍ରମ କେନ୍ଦ୍ରାପଡ଼ାଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଦେବବ୍ରତ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଚୈତ୍ୟ ଜାଗରଣ" ପ୍ରସଙ୍ଗରେ ଭଗବତୀ ପ୍ରସାଦ ଦାସ, ସନ୍ତୋଷ କୁମାର ନାୟକ, ରବୀନ୍ଦ୍ର ସୁତାର ଓ ଉର୍ମିଳା ରାଉତ ଆଲୋଚନା କରିଥିଲେ ।... ୧୧.୬.୨୬ରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ରାମୀୟାଗଞ୍ଜସ୍ଥିତ ନିମାଇଁ ଚରଣ ଲେଙ୍କାଙ୍କ ବାସଭବନରେ ସ୍ୱର୍ଗତ ଅଭୟ କୁମାର ଲେଙ୍କାଙ୍କ ଚତୁର୍ଦ୍ଦଶ ଦିବସ ଅବସରରେ ଶ୍ରୀଅରବିନ୍ଦ ପାଠଚକ୍ର ଜଗନ ମୋହନ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମୃତ୍ୟୁ ଓ ପୁନର୍ଜନ୍ମ ପ୍ରସଙ୍ଗରେ" ନରୋତ୍ତମ ନାୟକ, ନଳିନୀକାନ୍ତ ନାୟକ, ଜନ୍ମେଜୟ ପ୍ରଧାନ, ଲଙ୍ଗୁଳୀ ଚରଣ ବେହେରା ଓ ପ୍ରଶାନ୍ତ କୁମାର ସ୍ୱାଇଁ ଆଲୋଚନା କରିଥିଲେ ।... ୧୬.୬.୨୬ରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଉଳାଙ୍ଗସ୍ଥିତ ରାଜ କିଶୋର ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଭାଗିରଥି ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଜନ୍ମଦିବସର ତାତ୍ପର୍ଯ୍ୟ" ପ୍ରସଙ୍ଗରେ

ପିତାମ୍ବର ମଲ୍ଲ, ସନ୍ତୋଷ କୁମାର ନାୟକ, ପ୍ରମୋଦ କୁମାର ମିଶ୍ର ଓ ଉର୍ମିଳା ରାଉତ ଆଲୋଚନା କରିଥିଲେ।... ୧୯.୬.୨୬ରେ ମହାକାଳପଡା ବ୍ଲକ ଅନ୍ତର୍ଗତ ତେରାଗାଁସ୍ଥିତ ଯୋଗେନ୍ଦ୍ର ନାଥ ସ୍ୱାଇଁଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଜଗନ ମୋହନ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର କାହିଁକି କରିବା" ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା।... ୨୧.୬.୨୬ରେ ଉପେଇପୂରସ୍ଥିତ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ସନ୍ତୋଷ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ଓ କାହିଁକି" ପ୍ରସଙ୍ଗରେ ଅଞ୍ଜନା ପ୍ରଧାନ ଓ ନୟନା ବେହେରା ଆଲୋଚନା କରିଥିଲେ।... ୨୧.୬.୨୬ରେ ବଡ଼ ମଙ୍ଗଳାସ୍ଥିତ ସ୍ୱର୍ଗତଃ ହରେକୃଷ୍ଣ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏତଦ୍‌ବ୍ୟତୀତ ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଉର୍ମିଳା ରାଉତ "ସାବିତ୍ରୀ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅମ୍ବିକା ରାଉତ, ଦୀପ୍ତି ଲେଙ୍କା ଓ ସୁଭଦ୍ରା ରାଉତ ଅଂଶଗ୍ରହଣ କରିଥିଲେ।

**ଯାଜପୁର:-** ୩୧.୫.୨୬ରେ ବଡଚଣା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁରସ୍ଥିତ ମନୋରଞ୍ଜନ ବିଶ୍ୱାଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅଶୋକ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପୃଥିବୀପୃଷ୍ଠରେ ମାତୃଶକ୍ତିଙ୍କ କ୍ରିୟା" ସମ୍ପର୍କରେ ବଂଶୀଧର ରାଉତ, ଅଜୟ କୁମାର ବାରିକ, ହରିହର ମଲ୍ଲିକ, ସୁକାନ୍ତ କୁମାର ବେହେରା ଆଲୋଚନା କରିଥିଲେ ଏବଂ ମନୋରଞ୍ଜନ ବିଶ୍ୱାଳ ବିବରଣୀ ପାଠ କରିଥିଲେ।... ୧.୬.୨୬ରେ ନରଣପୁରସ୍ଥିତ ଦେବେନ୍ଦ୍ର ପ୍ରସାଦ ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ସୁବାସ ଚନ୍ଦ୍ର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନନ୍ଦ ଚନ୍ଦ୍ର ମହାନ୍ତି "ଜନ୍ମ ଓ ମୃତ୍ୟୁ" ସମ୍ପର୍କରେ ଆଲୋଚନା କରିଥିଲେ।... ୫.୬.୨୬ରେ ବ୍ୟାସନଗର ସ୍ଥିତ ବ୍ରହ୍ମାନନ୍ଦ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବନମାଳି ଆଚାର୍ଯ୍ୟଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମାନନ୍ଦ ନାୟକ ସ୍ୱାଗତ ଭାଷଣ ଏବଂ "ଆମ ଜୀବନର ପରିଚାଳନା ଦାୟିତ୍ୱ ମା'ଙ୍କୁ ଦେବା" ସମ୍ପର୍କରେ ସସ୍ମିତା ପୋଥାଳ,

ଧରିତ୍ରୀ ରାଉତ, ରବୀନ୍ଦ୍ର ବିଶ୍ୱାଳ ଓ ବନମାଳୀ ଆର୍ଯ୍ୟ ଆଲୋଚନା କରିଥିଲେ।... ୭.୬.୨୬ରେ ଶ୍ରୀମା ଶ୍ରୀଅରବିନ୍ଦ ଯୋଗନିକେତନ ପାଣିକୋଇଲି ଠାରେ ବାର୍ଷିକ ଜିଲ୍ଲା କର୍ମୀ ସମ୍ମିଳନୀର ପ୍ରସ୍ତୁତି ବୈଠକ କୈଳାସ ଚନ୍ଦ୍ର କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।... ୭.୬.୨୬ରେ ଗଣାସସ୍ଥିତ ଭ୍ରମରବର ପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅଶୋକ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗରେ ବିଶେଷତ୍ୱ" ସମ୍ପର୍କରେ ବଂଶୀଧର ରାଉତ, ହରିହରି ମଲ୍ଲିକ ଆଲୋଚନା କରିଥିଲେ ଏବଂ ଭ୍ରମରବର ପାତ୍ର ବିବରଣୀ ପ୍ରଦାନ କରିଥିଲେ।... ୧୦.୬.୨୬ରେ ପ୍ରହରାଜପୁରସ୍ଥିତ ଜୟଶ୍ରୀ ମିଶ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କହ୍ନେଇ ଚରଣ ପୃଷ୍ଟି "ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ।

**ସମର୍ପଣ ମଣ୍ଡଳ**

**କୋରାପୁଟ:** ୬.୬.୨୬ରେ ଗୌତମନଗର ସ୍ଥିତ ମୀନକେତନ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ ତାରିଣୀ ଚରଣ ପତି ଓ ଟଙ୍କଧର ବେହେରା "ଉଦ୍ଧାରର ଏକମାତ୍ର ବାଟ" ବିଷୟରେ ଆଲୋଚନା କରିଥିଲେ।... ୭.୬.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ବୋରିଗୁମ୍ମାଠାରେ କୋରାପୁଟ ଜିଲ୍ଲାସ୍ତରୀୟ କର୍ମୀ ସମ୍ମିଳନୀ ପାଇଁ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତାପ କୁମାର ଦେଓ୍ୱାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବ୍ଲକରେ ହୋଇଥିବା ମାତୃ କାର୍ଯ୍ୟ ଓ ଦଶକର୍ମଧାରାର କାର୍ଯ୍ୟ ପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା ଏବଂ ସୁରେଶ ମିଶ୍ର ଓ ପ୍ରଶାନ୍ତ କୁମାର ସ୍ୱାଇଁ ସମୀକ୍ଷା କରିଥିଲେ।... ୮.୬.୨୬ରେ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଦିଣ୍ଡା ରାଜଗୁଡାସ୍ଥିତ ସାନମଣି ଜାନୀ ଓ ଅଞ୍ଚଳାସ୍ଥିତ କ୍ଷୀରମଣି ନାୟକଙ୍କ ବାସଭବନରେ ଅନୁଷ୍ଠିତ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ଗୀତାଞ୍ଜଳି ବେହେରା "ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଗମନର ରହସ୍ୟ" ଓ "ଆମକୁ ହେଉଥିବା ରୋଗର କାରଣ ଓ ନିରାକରଣ" ବିଷୟରେ ଆଲୋଚନା କରିଥିଲେ।... ଜୁନ୍ ୯ ଓ ୧୦ ତାରିଖରେ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବିଶୋଇପୁଟସ୍ଥିତ ଜାନକୀ ପେଣ୍ଠିଆ, ଅଞ୍ଜନା ପେଣ୍ଠିଆ, ଅଲେଖ ନାୟକ ଏବଂ ତ୍ରିନାଥ ମୁଦୁଲିଙ୍କ ବାସଭବନରେ ଅନୁଷ୍ଠିତ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ଗୀତାଞ୍ଜଳି ବେହେରା, ବବିତା ଦୋରା ଓ ବବିତା ସାବତ୍ "ଶ୍ରୀମାଙ୍କ

ଯୋଗରେ ଖାଦ୍ୟର ଉପଯୋଗୀତା", "ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ଜୀବନ ଓ ସାଧାରଣ ଜୀବନ" ଓ "ନାମଜପ କରିବା କାହିଁକି" ଓ "ଆମଭିତରେ ଥିବା ଅନ୍ତର୍ନିହିତ ଶକ୍ତିର ବିକାଶ କିପରି କରିବା" ବିଷୟରେ ଆଲୋଚନା କରିଥିଲେ।... ୧୨.୬.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, କୋଟପାଡଠାରେ ମାଧୁରୀ ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ ସୁଧାଂଶୁ ଶେଖର ରଥ ଅଂଶଗ୍ରହଣ କରିଥିଲେ।... ୧୨.୬.୨୬ରେ ପୁଚିଲାସାହିସ୍ଥିତ ପି. ରମେଶ କୁମାରଙ୍କ ବାସଭବନରେ ଅନୁଷ୍ଠିତ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଶାନ୍ତ କୁମାର ସ୍ୱାଇଁ "ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆବିର୍ଭାବର ରହସ୍ୟ" ବିଷୟରେ ଆଲୋଚନା କରିଥିଲେ।... ୧୩.୬.୨୬ରେ କୋରାପୁଟ ବ୍ଲକ ଅନ୍ତର୍ଗତ ଉମୁରିସ୍ଥିତ ଶ୍ରୀୟାରାଣୀ ଖିଲଙ୍କ ବାସଭବନରେ ମୀନକେତନ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ହରିହର ସାହୁ "ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆବିର୍ଭାବର ରହସ୍ୟ" ଓ ଟଙ୍କଧର ବେହେରା "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ବିଷୟରେ ଆଲୋଚନା କରିଥିଲେ।... ୧୪.୬.୨୬ରେ ମାନବାର ପଞ୍ଚାୟତର ଗୌଡଗୁଡାଠାରେ ଅନୁଷ୍ଠିତ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରତାପ କୁମାର ଦେଓ୍ୱାନ "ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆବିର୍ଭାବର ରହସ୍ୟ" ଓ ଟଙ୍କଧର ବେହେରା "ସାଂପ୍ରତିକ ପରିସ୍ଥିତିରେ ପାଠଚକ୍ରର ଆବଶ୍ୟକତା" ବିଷୟରେ ଆଲୋଚନା କରିଥିଲେ।... ଜୁନ୍ ୧୫ ଓ ୧୭ ତାରିଖରେ ଟିକିରାସାହିସ୍ଥିତ ଲମ୍ବୋଦର ପଣ୍ଡା ଏବଂ ଅଶୋକ ନଗରସ୍ଥିତ କୃଷ୍ଣଚନ୍ଦ୍ର ଗୌଡଙ୍କ ବାସଭବନରେ ଅନୁଷ୍ଠିତ ସ୍ୱତନ୍ତ୍ର ପାଠଚକ୍ରରେ ପ୍ରଶାନ୍ତ କୁମାର ସ୍ୱାଇଁ "ଭଲ ହେବା ପାଇଁ ଭଲ ହୁଅ" ଓ ଟଙ୍କଧର ବେହେରା "ଧର୍ମ ଓ ଯଥାର୍ଥ ଆଧ୍ୟାତ୍ମିକ ଜୀବନ" ବିଷୟରେ ଆଲୋଚନା କରିଥିଲେ।... ୧୭.୬.୨୬ରେ କେନ୍ଦୁଗୁଡାଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବିନୋଦ ବିହାରୀ ଦାସ "ତିନୋଟି ବିଜୟ" ବିଷୟରେ ଆଲୋଚନା କରିଥିଲେ ଏବଂ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କୋଟପାଡଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ସଚ୍ଚିଦାନନ୍ଦ ରଥ "ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ" ବିଷୟରେ ଆଲୋଚନା କରିଥିଲେ।... ଜୁନ ୨୧ ଓ ୨୨ ଦୁଇଦିନ ଧରି ଶ୍ରୀଅରବିନ୍ଦ ସାଧନ କେନ୍ଦ୍ର, ବ୍ରାହ୍ମଣସୁକୁର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ତାରିଣୀ ଚରଣ ପତିଙ୍କ ପରିଚାଳନାରେ ଅନୁଷ୍ଠିତ ଉକ୍ତ

କାର୍ଯ୍ୟକ୍ରମରେ "ଶ୍ରୀଅରବିନ୍ଦଙ୍କ ଯୋଗରେ ସାମୁହିକ ଜୀବନଯାପାନ" ବିଷୟରେ ଦଳଗତ ଆଲୋଚନା କରଯାଇଥିଲା ଓ ଶ୍ରୀ ପ୍ରତାପ କୁମାର ଦେଓ୍ୱାନ ଏହାର ଉପସଂହାର କରିଥିଲେ।... ୨୫.୬.୨୬ ଅମିନ ଲାଇନସ୍ଥିତ କ୍ରିଷ୍ଣା ରାଓ ଏବଂ ପ୍ରଦୀପ ପ୍ରଧାନଙ୍କ ବାସଭବନରେ ଅନୁଷ୍ଠିତ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଶାନ୍ତ କୁମାର ସ୍ୱାଇଁ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ଓ କାହିଁକି" ଏବଂ "ମା' କିଏ" ବିଷୟରେ ଆଲୋଚନା କରିଥିଲେ।... ୨୫.୬.୨୬ରେ ଦାମନଯୋଡି ଭେଜାପୁଟଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବନ୍ଦିତା ମିଶ୍ର ଓ ପ୍ରଭାସିନୀ ପାଣି "ଦିବ୍ୟକୃପା" ବିଷୟରେ ଆଲୋଚନା କରିଥିଲେ।... ୨୬.୬.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ରାଜୁ ସାହି, ଜୟପୁରର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାନନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସୀତାଂଶୁ ବେହେରା ଓ ଉମା ଶଙ୍କର ଆଚାରୀ "ଶ୍ରୀମା ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଧାରା" ବିଷୟରେ ଆଲୋଚନା କରିଥିଲେ ଏବଂ ମୀନ କେତନ ସାହୁ "ତାଙ୍କର ଅଭିଜ୍ଞତା" ବର୍ଣ୍ଣନା କରିଥିଲେ। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଦାମନଯୋଡିଠାରେ ନବାଗତ ଅପା ଭାଇମାନଙ୍କ ପାଇଁ ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ପ୍ରଭାସିନୀ ପାଣିଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପ୍ରତାପ କୁମାର ଦେଓ୍ୱାନ, ପ୍ରଶାନ୍ତ କୁମାର ସ୍ୱାଇଁ, ଜଳେନ୍ଦ୍ର ସ୍ୱାଇଁ ଓ ସରୋଜ କୁମାର ପରିଡା ଯୋଗ ଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏତଦ୍‌ବ୍ୟତୀତ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବିକାଶ ରଞ୍ଜନ ପରିଡା, ସସ୍ମିତା ମିଶ୍ର, ଭବେଶ ଚନ୍ଦ୍ର ସାହୁ "ମା'ଙ୍କ କାର୍ଯ୍ୟ ଓ ଆମର ଭୂମିକା", "ନିୟତି ଓ ପ୍ରାର୍ଥନା", "ମାତୃରଚନାବଳି- ୧୭ଖଣ୍ଡ" ପୁସ୍ତକ ପାଠ କରି ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୀପକ ମହାରଣା, ଦୀପକ ପ୍ରହରାଜ, ବାସନ୍ତୀ ବୈଦ୍ୟ, ମମତା ପଣ୍ଡା, ସ୍ମିତା ପଣ୍ଡା, ଚିନ୍ମୟୀ ମିଶ୍ର, କୃଷ୍ଣପ୍ରିୟା ସାଇଁ, ପୁଷ୍ପଲତା, ଗାୟତ୍ରୀ ଦାଶ, ଭଗବାନ ପତି, ବବିତା ସାବତ, ଶାନ୍ତିଲତା ମିଶ୍ର, ଗାୟତ୍ରୀ ଦେବୀ ଓ ନୀଳମାଧବ ମିଶ୍ର ସହଯୋଗ କରିଥିଲେ।

### ସମତା ମଣ୍ଡଳ

**ସୁନ୍ଦରଗଡ:-** ମେ ୨୧ ରୁ ଜୁନ ୧୯ ତାରିଖ ପର୍ଯ୍ୟନ୍ତ ସରଗିମାଲ, ତିଲେଇମାଲ, ବିଜାଡିହି, ରତାଖଣ୍ଡି, ଟିପେରସିଙ୍ଘା, କୁଲାବିରା, ରାଇବଗା, ଝୁରିମାଲ, କୁତୁରମା, ମାତୃଗ୍ରାମ, ସୁରଡା ଓ ଦିଆମୁଣ୍ଡା

ବିଭିନ୍ନ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।

**ଜୁଲାଇ ଗସ୍ତ:-**


ଆପଣମାନେ ଜାଣିଥିବେ ଜୁଲାଇ ମାସଟି ଗତ ଅନେକ ବର୍ଷ ଧରି ଓଡିଶାରେ ଶ୍ରୀଅରବିନ୍ଦ ଆନ୍ଦୋଳନର ସାଙ୍ଗଠନିକ ମାସ ଭାବରେ ପରିଚିତ । ଏହି ମାସର ପ୍ରତ୍ୟେକ ଦିନ ଓଡିଶାର କୌଣସି ନା କୌଣସି ଜିଲ୍ଲାରେ ସାଙ୍ଗଠନିକ ଦିବସ ପାଳନ ହୁଏ । ଏହି ମାତୃକର୍ମ ଆଜି ଢେଙ୍କାନାଳରୁ ଆରମ୍ଭ ହୋଇଯାଇଛି । ଶ୍ରୀଅରବିନ୍ଦ ପାଠଚକ୍ର ଆମ ସକଳ କାର୍ଯ୍ୟକ୍ରମର ଭିତ୍ତି ହୋଇଥିବାରୁ ଏବଂ ଆମେ ସମସ୍ତେ ସଙ୍ଗଠନ ସହିତ ସିଧାସଳଖ ସମ୍ପୃକ୍ତ ଥିବାରୁ, ଏଥିରେ ଜିଲ୍ଲାର ସମସ୍ତ ଶ୍ରୀଅରବିନ୍ଦ ପାଠଚକ୍ରର ସଭ୍ୟସଭ୍ୟା ଓ ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କର୍ମକର୍ତ୍ତାମାନେ ନିଶ୍ଚିତ ଭାବରେ ଯୋଗଦେବାକୁ ଏକ ବିନୀତ ଅନୁରୋଧ ।

•

ତୁମ ଲାଗି ମୁଁ ଗୋଟିଏ ନିୟମ ରଖିପାରେ । ସେଇଟି ହେଉଛି, "ଏପରି କିଛି କର ନାହିଁ, କୁହ ନାହିଁ କିମ୍ବା ଭାବ ନାହିଁ ଯାହାକୁ ତୁମେ ମା'ଙ୍କଠାରୁ ଲୁଚାଇ ରଖିବାକୁ ଚାହଁ ।

**-ଶ୍ରୀଅରବିନ୍ଦ**

## ୧୪ ଅଗଷ୍ଟ ୨୦୨୬



**ପରମପୂଜ୍ୟ ବାବାଜି ମହାରାଜ ଶ୍ରୀ ରାମକୃଷ୍ଣ ଦାସଙ୍କର ୧୧୮ତମ ପବିତ୍ର ଜନ୍ମଦିବସରେ 'ମାତୃଭବନ ପତ୍ର' ଅଗଣିତ ମାତୃସନ୍ତାନମାନଙ୍କ ସହିତ ତାଙ୍କ ନିକଟରେ ବିନମ୍ର କୃତଜ୍ଞତା ଜଣାଉଅଛି ।**

THE MATRUBHABAN PATRA
Date of Publication 19.07.2026 JULY 2026
RNI Regn. No. 65218/91 Registered OR/CK (C) -22/2024-26

## କଟକ ଜିଲ୍ଲାର ସମସ୍ତ ଶ୍ରୀଅରବିନ୍ଦ ପାଠଚକ୍ର, ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତ୍ୟେକ ଅପା/ଭାଇ, ପରିଚାଳକ ଭାଇଭଉଣୀମାନଙ୍କ ପାଇଁ

ପରମ ଶ୍ରଦ୍ଧେୟ ଭାଇଭଉଣୀମାନେ,

ଶ୍ରଦ୍ଧା ଓ ଶୁଭେଚ୍ଛା ନେବେ । ଆସନ୍ତା **ଜୁଲାଇ ୩୦ ତାରିଖ ଗୁରୁବାର** କଟକ ଜିଲ୍ଲାର ବାର୍ଷିକ ସଙ୍ଗଠନ ଦିବସ । ଏହା ଆମ ଜିଲ୍ଲାରେ ଥିବା ସମସ୍ତ ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନ ତଥା ଶିକ୍ଷାକେନ୍ଦ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ଆମ୍ଭେମାନେ ଏହି ଦିବସରେ ସମସ୍ତେ ଏକତ୍ର ସମାବେଶ ହୋଇ ଗତ ବର୍ଷକ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରୁ ଏବଂ ଆଗାମୀ ବର୍ଷକ ପାଇଁ କିଛି ନୂତନ କାର୍ଯ୍ୟକ୍ରମ ହାତକୁ ନେଉ । କଟକ ଜିଲ୍ଲାର ସମସ୍ତ ମାତୃସନ୍ତାନ ଜୁଲାଇ ୩୦ ତାରିଖକୁ ସେଥିପାଇଁ ଅତ୍ୟନ୍ତ ଆଗ୍ରହର ସହିତ ଅପେକ୍ଷା ରଖିଥାନ୍ତି । ଏହି ଦିନର ଗୁରୁତ୍ୱକୁ ଉପଲବ୍ଧି କରି **ନବଜୀବନ ଶିକ୍ଷାସଂସଦ ମଧ୍ୟ ସିଦ୍ଧାନ୍ତ ନେଇ ସାରିଛି ଯେ କଟକ ଜିଲ୍ଲାର ସମସ୍ତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସେଦିନ ବନ୍ଦ ରଖି ଶିକ୍ଷାକେନ୍ଦ୍ରର ସମସ୍ତ ପରିଚାଳନା ସଦସ୍ୟ ତଥା ଅପାଭାଇ ପାଠଚକ୍ରର ଅପା/ଭାଇମାନଙ୍କ ସହିତ ନିଶ୍ଚୟ ଜିଲ୍ଲାର ସାଙ୍ଗଠନିକ ଆଲୋଚନା ସଭାରେ ଯୋଗଦେବେ ।** ଏହି ସିଦ୍ଧାନ୍ତର ଫଳ ସ୍ୱରୂପ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ମାତୃକର୍ମୀ ତଥା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକର ଅପାଭାଇମାନଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଓ ଆଗ୍ରହ ପରିଦୃଷ୍ଟ ହେଉଅଛି ।

**ତେଣୁ ସମସ୍ତ ଜିଲ୍ଲା ସଙ୍ଗଠକ, ସବ୍‌ଡିଭିଜନାଲ ସଙ୍ଗଠକ, ବ୍ଲକ ସଙ୍ଗଠକ ଏବଂ ପ୍ରତ୍ୟେକ ଗ୍ରାମପଞ୍ଚାୟତ ସଙ୍ଗଠକଙ୍କ ସହିତ ପ୍ରତ୍ୟେକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପରିଚାଳନା ସମିତିର ସମସ୍ତ ସଭ୍ୟସଭ୍ୟା, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ଅପାଭାଇ, ପ୍ରତ୍ୟେକ ଶ୍ରୀଅରବିନ୍ଦ ପାଠଚକ୍ରର ସମସ୍ତ ସଭ୍ୟସଭ୍ୟା ତଥା ଦଶକର୍ମଧାରାର ସମସ୍ତ କର୍ମୀମାନଙ୍କ ସହିତ ଜିଲ୍ଲାର ପ୍ରତ୍ୟେକ ମାତୃସନ୍ତାନ କଟକ ମାତୃଭବନଠାରେ ୩୦ ଜୁଲାଇ ମଙ୍ଗଳବାର ଦିନ ପୂର୍ବାହ୍ନ ୯.୩୦ ପୂର୍ବରୁ ନିଶ୍ଚୟ ପହଞ୍ଚି ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଆପଣମାନେ ସେଦିନ ଅନ୍ୟ କୌଣସି କାମ ନରଖି ଉକ୍ତ ସଭାରେ ନିଶ୍ଚୟ ଯୋଗଦେବେ । ଏହି ପତ୍ରକୁ ଯଥେଷ୍ଟ ଗୁରୁତ୍ୱ ଦେବାକୁ ବିନମ୍ର ଅନୁରୋଧ କରୁଅଛୁ ।**

ଶ୍ରଦ୍ଧା ଓ ସମ୍ମାନର ସହ– ଆପଣମାନଙ୍କର

(ବାବୁଲି ଭାଇ)

ପ୍ରତିଷ୍ଠାତା – ଗଦାଧର ମିଶ୍ର ପରିଚାଳନା – ପ୍ରସାଦ

Printed, Published & Edited by Dr. Shyama Kanungo on behalf of the Matrubhaban Trust & Printed at Graphic Art Offset Press, Nuapatna, Cuttack-1 & Published at Matrubhaban, Sri Aurobindo Marg, Cuttack - 753013.
E-mail : matrubhaban@gmail.com Please visit us at : www.motherorissa.com